
ଧରିତ୍ରୀ
DHARITRI
September 18-24, 2022 ₹2/-

ଛୁଟିଦିନ

# ପାଳଭୂତ

କେବେ ସେ ଆଈ ମା’ ପେଡ଼ିର ଗପ ତ କେବେ କୃଷକର ବନ୍ଧୁ। ପାଳକୁଟାରେ ତିଆରି ମଣିଷରୂପୀ ଶରୀରରେ ଜୀବନ ନ ଥାଏ ସତ, ହେଲେ ଦେଶ ବିଦେଶରେ ସେ ବେଶ୍ ପରିଚିତ। କିଏ ତାକୁ ପାଳଭୂତ କହେ ତ କିଏ ବିଜୁକା ପୁଣି ଆଉ କିଏ କହେ ତାକୁ ସ୍କେୟାର କ୍ରୋ ଅବା ବୁଗିମ୍ୟାନ...






୩
ପ୍ରଚ୍ଛଦ ପ୍ରସଙ୍ଗ

# ଶୀଘ୍ର କରଜ ମୁକ୍ତ ହେବେ କିପରି

**ବେ**ଳେବେଳେ ଅସୁବିଧାରେ ପଡିଲେ, ମଣିଷ କରଜ କରିବାକୁ ବାଧ ହୋଇଥାଏ। କିନ୍ତୁ ଏହାକୁ ଠିକ୍ ସମୟରେ ସୁଝିଦେଲେ ମନକୁ ଶାନ୍ତି ମିଳିଥାଏ ନଚେତ୍ ଏହା ବୋଝ ଭଳି ଲାଗିଥାଏ। ହେଲେ ଏମିତି ବି କିଛି ବାସ୍ତୁଟିପ୍ସ ରହିଛି, ଯାହାକୁ ମାନିଲେ କରଜରୁ ଶୀଘ୍ର ମୁକ୍ତି ପାଇବାର ବାଟ ଖୋଲିଯାଇଥାଏ ବୋଲି ବିଶ୍ୱାସ କରାଯାଏ। ଯେମିତିକି:

✻ ପକ୍ଷୀମାନଙ୍କୁ ଖାଇବାକୁ ଦେଲେ ଜୀବନରେ ସେହି ସବୁ ସୁଖ ମିଳିଥାଏ, ଯାହାକୁ କେବେ ବି କେହି କଳ୍ପନା କରି ନଥିବେ। ଏପରିକି ପ୍ରତିଦିନ ହେଉ ଅବା ମଙ୍ଗଳବାର ଓ ଶନିବାର ଦିନ ପକ୍ଷୀଙ୍କୁ ଦାନା ଖାଇବାକୁ ଦେଲେ କରଜ ମୁକ୍ତିର ବାଟ ଶୀଘ୍ର ଖୋଲିଯାଏ ବୋଲି କୁହାଯାଇଥାଏ।



✻ ମାଙ୍କଡ଼ଙ୍କୁ ପ୍ରତି ମଙ୍ଗଳବାର ଦିନ କିଛି ମିଠା କିମ୍ବା କଦଳୀ ଅବା ବୁଟ ଖାଇବାକୁ ଦେଲେ, ପ୍ରଭୂ ହନୁମାନ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ଆଉ ତାଙ୍କରି ଆର୍ଶୀବାଦରୁ ଶୀଘ୍ର କରଜ ସୁଝିବାକୁ ଆମକୁ ଉପାୟ ମିଳିଥାଏ।

✻ କୁକୁରଙ୍କୁ ମିଠା ବିସ୍କୁଟ୍ ଖାଇବାକୁ ଦେଲେ, କରଜରୁ ମୁକ୍ତି ମିଳିବା ସହ ଘରୁ ନକରାତ୍ମକ ଉର୍ଜ୍ଜା ଦୂର ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।

✻ ଗାଈଙ୍କୁ ଗୋମାତା ଭାବେ ପୂଜା କରାଯାଏ। ତେଣୁ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟକୁ କିମ୍ବା ରୁଟିକୁ ପ୍ରଥମେ ଗାଈଙ୍କୁ ଖାଇବାକୁ ଦେଲେ ବି କରଜରୁ ଶୀଘ୍ର ମୁକ୍ତି ମିଳିବାର ବାଟ ଖୋଲିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୮-୨୪

**ମେଷ**
କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଦୂରବସ୍ଥା, ଅସୁସ୍ଥ ମାନସିକତା, ସାମାଜିକ ପ୍ରତିଷ୍ଠା, ପୁଅଝିଅଙ୍କ ସମସ୍ୟା, ସହକର୍ମୀଙ୍କ ଝଗଡା, ଯାତ୍ରାରେ ପ୍ରତିବନ୍ଧକ ପର୍ଯ୍ୟଟନରେ ଉନ୍ନତି, ସମ୍ମାନ, ଯଶଖ୍ୟାତି ବଢିବ, ନୂତନ ନିଯୁକ୍ତିର ସୂଚନା ॥

**ବୃଷ**
ବନ୍ଧୁ ମିଳନ, ଉପରିସ୍ଥଙ୍କ ଅନୁଗ୍ରହ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟାରମ୍ଭ, ବହୁମୁଖୀ କାର୍ଯ୍ୟ, ପାରିବାରିକ ଶାନ୍ତି, ଦ୍ୱନ୍ଦ୍ୱର ଅବସାନ, ମାଙ୍ଗଳିକ କର୍ମ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**ମିଥୁନ**
ଅର୍ଥର ପ୍ରାଚୁର୍ଯ୍ୟ, ବିଳାସ ବ୍ୟସନରେ ରୁଚି, ଆନୁସଙ୍ଗିକ ସୁବିଧାପ୍ରାପ୍ତି, ସନ୍ଦେହାତ୍ମକ ବାତାବରଣ, ଦୂରଦର୍ଶିତାର ଅଭାବ, ଭୁଲ୍ ନିଷ୍ପତ୍ତିରୁ ସମସ୍ୟା, ମକଦ୍ଦମାରେ ଅନୁକୂଳସ୍ଥିତି, କ୍ରନିକ୍ ରୋଗରେ ପୀଡ଼ା, ଆମୋଦ ପ୍ରମୋଦ ॥

**କର୍କଟ**
ଶାନ୍ତ ବାତାବରଣ, ସ୍ୱଜନ ଶତ୍ରୁତା, ଧର୍ମ ସଂକଟରେ ପଡିବେ, ନିଷ୍ପତ୍ତିର ପରିବର୍ତ୍ତନ, ଶାରୀରିକ ପୀଡା, ନିର୍ମାଣରେ ବିବାଦ, ପରିବହନରେ ଝଗଡା, ଆତ୍ମୀୟଙ୍କ ସମାଲୋଚନା, ସହକର୍ମୀଙ୍କ ସହଯୋଗ ॥

**ସିଂହ**
ପାରିବାରିକ ଶାନ୍ତି, ଆଲୋଚନାରେ ଅଗ୍ରଗତି, ମିତ୍ର ବନ୍ଧୁ ସମାଗମ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଅର୍ଥଲାଭର ଯୋଗ, ନୂତନ କର୍ମସଂସ୍ଥାନ, ବିଦେଶଯାତ୍ରାର ପ୍ରସ୍ତୁତି, ଅନୁକୂଳ ପରିବେଶ, ପରିଜନ ସହ ଭ୍ରମଣ, କଳ କାରଖାନାରେ ବିଦ୍ରୋହ ॥

**କନ୍ୟା**
ଯାତ୍ରାରେ ବିବାଦ, ଶତ୍ରୁତାର ସାମନା, ସଂଘର୍ଷମୟ ସ୍ଥିତି, ଖର୍ଚ୍ଚ ପରିମାଣ ବୃଦ୍ଧି, କ୍ରୀଡାରେ ସଫଳତା, ଗୌରବ ବୃଦ୍ଧି, ନୂଆ ସମ୍ପର୍କ ଯୋଡିବେ, ଭୁଲ୍ ଖବରରୁ ବ୍ୟସ୍ତତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବନ୍ଧ ରଚନାରେ ପୁରସ୍କାର, ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଶଂସା ॥

**ତୁଳା**
ସ୍ୱାଭିମାନରେ ଆଘାତ, ଅନ୍ୟଦ୍ୱାରା ପ୍ରଭାବିତ, ଲକ୍ଷ୍ୟ ପୂରଣରେ ଅସମର୍ଥ, ପ୍ରତୀକ୍ଷାଜନିତ କଷ୍ଟ, ଅର୍ଥ ଜନିତ ତର୍କ, ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ପାରିବାରିକ ଅସହଯୋଗ, ସାମାଜିକ ସମ୍ମାନ, ପବ୍ଲିକେଶନରେ ସମସ୍ୟା, ଜନସମ୍ପର୍କ ସୃଷ୍ଟି ॥

**ବିଛା**
ସମ୍ପର୍କରେ ନ୍ୟୁନତା, ଗୋଳମାଳିଆ ପରିସ୍ଥିତି, ଅଧସ୍ଥନଙ୍କ ବେଖାତିର, ମାନସିକ ଚାପ, ଦୁର୍ବିସହ ଜୀବନଯାତ୍ରା, ଅସାବଧାନତା, ଦ୍ରବ୍ୟନଷ୍ଟ, ସହକର୍ମୀଙ୍କ ପ୍ରେରଣା, ଦୈନ୍ୟତାର ପରିପ୍ରକାଶ, ଘରଭଡା ବିତର୍କ ॥

**ଧନୁ**
କର୍ମ ନୈପୁଣ୍ୟ, ଖୋଲାମନରେ କଥା, ପଡୋଶୀଙ୍କ ଉପହାସ, ପୂର୍ବ ଶତ୍ରୁତାରୁ କଳହ, କରଜର ପରିଶୋଧ, ଚିନ୍ତାଗ୍ରସ୍ତ ମନୋସ୍ଥିତି, ସାହିତ୍ୟ ସଙ୍ଗୀତରେ ପ୍ରଶଂସା, ସତ୍‌ସଙ୍ଗର ମଉକା ॥


**ମକର**
କର୍ମ ପ୍ରବାହର ପ୍ରତିରୋଧ,ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ପ୍ରତିହତ ପ୍ରତିବନ୍ଧକ, ପ୍ରତିଦାନ ପାଇବେ, ସୁସମ୍ପର୍କ ପ୍ରତିଷ୍ଠିତ, ଟେନସନ୍ କମିଯିବ, କରଜଦାତାଙ୍କ ତାଗିଦା, ମାମଲାରେ ବାଇଦା ॥

**କୁମ୍ଭ**
ଭାରସାମ୍ୟ ହରାଇବେ, ପ୍ରଗତିର ପଥରୋଧ, ବିଚଳିତ ମନ, ବୁଝାମଣାରେ ଉନ୍ନତି, ନୂତନ ସମ୍ପର୍କ, ଶୁଭଖବର ପ୍ରାପ୍ତି, ହୋଟେଲ ରେଷ୍ଟୁରାଣ୍ଟରେ ଉନ୍ନତି, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ପରିବହନରେ ବିବାଦ ॥

**ମୀନ**
ସ୍ୱାସ୍ଥ୍ୟ ସମସ୍ୟା, ଅପ୍ରିୟ ସତ୍ୟ ଭାଷଣରୁ କଳହ, ବିରାଧୀ ପକ୍ଷଙ୍କ ବିତର୍କ, ଗଠନମୁଳକ କାର୍ଯ୍ୟରୁ ପ୍ରଶଂସା, ରାଜନୈତିକ ବିବାଦ, କାରିଗରୀ କୁଶଳତା, ବଦାନ୍ୟ ବ୍ୟକ୍ତିଙ୍କ ପ୍ରଶଂସା, କର୍ମକ୍ଷେତ୍ରର ଦୁଃଖ, ସ୍ଥାନାନ୍ତର ପ୍ରଚେଷ୍ଟା ॥

# କେତେ ଶୁଭ କଳାଜାଇ

**କ**ଳାଜାଇକୁ ଅନେକେ ବ୍ୟୁଟି ସ୍ପଟ୍ ବୋଲି କହିଥାନ୍ତି। କିନ୍ତୁ ବିଶ୍ୱାସ ରହିଛି, ଏହା ବି ଆମକୁ ଶୁଭ, ଅଶୁଭର ସୂଚନା ଦେଇଥାଏ। ଯେମିତିକି: ନାକରେ ଥିବା କଳାଜାଇ ଭାଗ୍ୟଶାଳୀ ତଥା ସୁଖମୟ ଜୀବନ ବିତାଇବାର ସଙ୍କେତ ଦେଇଥାଏ। ସେହିପରି ଯେଉଁ ବ୍ୟକ୍ତିଙ୍କର ତାଳୁରେ କଳାଜାଇ ଥାଏ, ସିଏ ଐଶ୍ୱର୍ଯ୍ୟବାନ୍ ହେବା ସହିତ ଜୀବନରେ ଖୁବ୍ ଲୋକପ୍ରିୟତା ହାସଲ କରିବେ ବୋଲି ସୂଚନା ମିଳିଥାଏ। କିନ୍ତୁ ତାଳୁକୁ ଛାଡ଼ି ମୁଣ୍ଡର ଅନ୍ୟ କେଉଁ ସ୍ଥାନ ଯେପରିକି ପଛପଟ ଅଥବା ମଥାର ଡାହାଣ ପଟେ କଳାଜାଇ ରହିବା ସେତେଟା ଶୁଭଫଳ ଦେଇ ନଥାଏ। ଅନ୍ୟପକ୍ଷେ କାନ ଉପରେ କଳାଜାଇ ରହିବା ବୁଦ୍ଧିମାନ ତଥା ଚତୁରତାର ସଙ୍କେତ ଦେଇଥାଏ। ଯେଉଁମାନଙ୍କର ଏମିତି କଳାଜାଇ ଥାଏ ସେମାନେ ନିଜ ବୁଦ୍ଧି ବଳରେ ବହୁତ ଟଙ୍କା ଅର୍ଜନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ହେଲେ ସ୍ୱଭାବରେ ଏମାନେ ଖୁବ୍ ଖର୍ଚ୍ଚୀ ବି ହୋଇଥାନ୍ତି। ବାମପଟ ଗାଲରେ କଳାଜାଇ ରହିବା ସେମିତି କିଛି ଶୁଭ ଫଳ ଦେଇ ନଥାଏ। ହେଲେ ଡାହାଣ ଗାଲରେ କିମ୍ବା ମଝି ଭାଗରେ କଳାଜାଇ



ରହିଥିବା ବ୍ୟକ୍ତିମାନେ ଖୁବ୍ ଭାଗ୍ୟଶାଳୀ ହୋଇଥାନ୍ତି ବୋଲି କୁହାଯାଏ। ସେହିପରି ଡାହାଣ ପଟ ପତା ଉପରେ କଳାଜାଇ ରହିବା ଧାର୍ମିକ ସ୍ୱଭାବକୁ ସୂଚାଇଥାଏ।

# ପାଠକୀୟ

✻ ଗୁରୁ ସିଏ, ଯିଏ ଅନ୍ଧକାରରୁ ଆଲୋକକୁ ବାଟ କଢେଇ ନେବା ସହ ଛାତ୍ରକୁ ଠିକ୍ ମାର୍ଗରେ ନେବା ପାଇଁ ପଥପ୍ରଦର୍ଶନ କରିଥାନ୍ତି। ସେମାନଙ୍କର ଗୋଟିଏ ମାତ୍ର ଲକ୍ଷ୍ୟ ଛାତ୍ରମାନଙ୍କ ଭବିଷ୍ୟତ ଗଢିବା। ଶିଷ୍ୟର ସଫଳତାକୁ ହିଁ କେବଳ ଗୁରୁ ଦକ୍ଷିଣା ବୋଲି ମାନୁଥିବା କେତେଜଣ ଗୁରୁଙ୍କୁ ନେଇ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପଥ ପ୍ରଦର୍ଶକ' ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ', 'ଶରୀର ପାଇଁ ଉପକାରୀ' ଆଦି ପାଠଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇଥିଲା।

**–ମୁରଲୀଧର ମହାନ୍ତି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

✻ 'ପଥ ପ୍ରଦର୍ଶକ' ସତରେ ଏକ ସମୟୋପଯୋଗୀ ତଥା ଆବଶ୍ୟକୀୟ ପ୍ରଚ୍ଛଦ ପ୍ରସଙ୍ଗ ଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ 'ୱାଟରପ୍ରୁଫ୍ ଫୁଟୱେର୍' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ଚିକିତ୍ସକ ତଥା ନାଟ୍ୟକାର, ଗାୟକ, ଶିକ୍ଷାବିତ୍ ଓ ସମାଜସେବୀ ସୁରେନ୍ଦ୍ରନାଥ ଦାସଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

**–ରାକେଶ ସୁବୁଦ୍ଧି, ସେକ୍ଟର ୧, ରାଉରକେଲା**

✻ ସୃଜନ ପୃଷ୍ଠାରେ ସ୍ଥାନିତ 'ବ୍ୟାବହାରିକ ଜ୍ଞାନ' ଶୀର୍ଷକ ଗପଟି ଯେମିତି ମନଛୁଆଁ ଲାଗୁଥିଲା ସେମିତି ଶିକ୍ଷଣୀୟ ବି ହୋଇପାରିଥିଲା। 'ବିବର୍ଣ୍ଣ ପୃଥିବୀ', 'କୁହୁକ ସୂର୍ଯ୍ୟାସ୍ତ' ଏବଂ 'ଦେହୀ' ଆଦି କବିତାଗୁଡ଼ିକ ବି ବେଶ୍ ହୃଦୟସ୍ପର୍ଶୀ ଲାଗୁଥିଲା । ସିନେମା ପୃଷ୍ଠାରେ ସ୍ଥାନିତ ଐଶ୍ୱର୍ଯ୍ୟା ରାୟଙ୍କ ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଏପରିକି 'ଅକ୍ଟୋବରରେ ତୃଷ୍ଣା', 'ଆମୀରଙ୍କ ସର୍ଟ ବ୍ରେକ୍' ଏବଂ 'ଶିକ୍ଷୟିତ୍ରୀ ଅଭିନେତ୍ରୀ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ମନଛୁଆଁ ଲାଗୁଥିଲା।

**–ତମନ୍ନା ସ୍ୱାଇଁ, ସୁନାବେଡ଼ା, କୋରାପୁଟ**

✻ ଲେଖିକା ମାନିନୀ ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଯେତିକି ପ୍ରେରଣାଦାୟୀ ଥିଲା ସେତିକି ମଜାଦାର୍ ବି ଲାଗୁଥିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ହୋଇଥିଲା। ସେହିପରି ପେଷା ରୋଷେଇ, ନିଶା ଅମ୍ପାୟରିଂ' ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

**–ମହିମା ଦାଶ, ରାଣୀହାଟ, କଟକ**

✻ ସହର ପୃଷ୍ଠାରୁ 'ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ବିନ୍‌ସର' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ତଥା ମଜାଦାର୍ ଲେଖାଗୁଡ଼ିକ ବେଶ୍ ମନଛୁଆଁ ହୋଇପାରୁଥିବାରୁ ଭଲ ଲାଗୁଛି।

**–ହାକିମ୍ ବଳିୟାରସିଂହ, କେନ୍ଦୁଝର**

## ବିଶେଷ ଚିଠି




**ଛୁ**ଟିଦିନ ତୁମେ ଭାରୀ ବଢିଆ
ପତ୍ରିକା ମଧ୍ୟରେ ତୁମେ ଆଗୁଆ।
ପ୍ରତି ରବିବାରେ ତୁମେ ଆସିଥାଅ
ପରକୁ ଆପଣ କରି ନେଇଥାଅ।
ପ୍ରଚ୍ଛଦ ତୁମର ଲାଗେ ଚମତ୍କାର
ଡା'ସାଙ୍ଗକୁ ପୁଣି ସହରଠୁ ଦୂର।
ସାଥୀ, ସିନେମା ବି କରେ କିମିଆ
ମନରେ ଜଳାଏ ପ୍ରେମର ନିଆଁ।
ସତରେ ଛୁଟିଦିନ ତୁମେ ଅନନ୍ୟ
ତୁମେ ମୋ ପ୍ରାଣ ମୋ ଜୀବନ।

**–ନିହାର ରଞ୍ଜନ ପଲାଇ,**
**ରସୁଲଗଡ଼, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପାଳଭୂତ

**କେବେ ସେ ଆଇ ମା' ପେଡ଼ିର ଗପ ତ କେବେ କୃଷକର ବନ୍ଧୁ। ପାଳକୁଟାରେ ତିଆରି ମଣିଷରୂପୀ ଶରୀରରେ ଜୀବନ ନ ଥାଏ ସତ, ହେଲେ ଦେଶ ବିଦେଶରେ ସେ ବେଶ୍ ପରିଚିତ। କିଏ ତାକୁ ପାଳଭୂତ କହେ ତ କିଏ ବିଜୁକା ପୁଣି ଆଉ କିଏ କହେ ତାକୁ ସ୍କେୟାର କ୍ରୋ ଅବା ବୁଗିମ୍ୟାନ...**

ପାଳକୁଟାର ଶରୀରରେ ତା'ର ଚିରାଫଟା ପୋଷାକ। ମୁଣ୍ଡ ଭାବେ ଥାଏ ତା'ର ଏକ ମାଟିହାଣ୍ଡି ଅବା କଖାରୁ। ମଣିଷ ତାକୁ ନିଜର ପ୍ରତିରୂପ ଭାବେ ଗଢ଼ିଛି। ଠିଆ କରାଇଛି ନିଜ ଜମିରେ ଫସଲର ଜଗୁଆଳି ଭାବେ। ଏଇ ଜଗୁଆଳିଟି କେତେବେଳେ ଭାରି କୌତୁକିଆ ଲାଗେ ତ କେବେ ପୁଣି ଅନ୍ଧକାର ରାତିରେ ମନରେ ସୃଷ୍ଟି କରିପାରେ କୋକୁଆଭୟ। ଆଇ ମା'ର କାହାଣୀଠାରୁ ଆରମ୍ଭ କରି କବିର କବିତା, ଗାଳ୍ପିକର ଗଳ୍ପ ପର୍ଯ୍ୟନ୍ତ ସବୁଠି ସ୍ଥାନ ପାଇଛି ଇଏ। ସେ ହେଉଛି ପାଳଭୂତ! ଶହ ଶହ ବର୍ଷ ଧରି ହୋଇଆସୁଛି ଏହାର ବ୍ୟବହାର। ଇଜିପ୍ଟରୁ ଭାରତ ପୁଣି ଆମେରିକାରୁ ସାରା ୟୁରୋପ। ସାରା ପୃଥିବୀରେ ରହିଛି ଏହାର ସତ୍ତା। ସ୍ଥଳବିଶେଷରେ ଯଦିଓ ଏହାର ଆକାର ଆକୃତିରେ ଆସେ ସାମାନ୍ୟ ଭିନ୍ନତା, ହେଲେ ଉଦ୍ଦେଶ୍ୟ ଥାଏ ଗୋଟିଏ। ତାହା ହେଉଛି ଫସଲକୁ ପକ୍ଷୀ ଓ ଅନ୍ୟ ଜୀବଜନ୍ତୁଙ୍କଠାରୁ ରକ୍ଷା କରିବା।

**ଇଜିପ୍ଟରୁ ଆରମ୍ଭ:** କୃଷକର ବନ୍ଧୁ ଏଇ ପାଳଭୂତର ବ୍ୟବହାର କେବେଠୁ ହେଉଛି ତାହା ଠିକ୍‌ଭାବେ ଜଣା ନ ଥିଲେ ହେଁ କୁହାଯାଏ ୩୦୦୦ ବର୍ଷ ପୂର୍ବେ ସର୍ବପ୍ରଥମେ ପାଳଭୂତର ବ୍ୟବହାର ପୁରାତନ ଇଜିପ୍ଟରେ ହୋଇଥିଲା। ସେମାନେ ପାଳ ଓ ହାଣ୍ଡିରେ ତିଆରି ପାଳଭୂତ ବ୍ୟବହାର କରୁ ନ ଥିଲେ। ବରଂ ବ୍ୟବହାର କରୁଥିଲେ ଏକ ବଡ଼ କାଠର ଫ୍ରେମ୍, ଯେଉଁଥିରେ ଜାଲ ଲାଗି ରହୁଥିଲା। ଏହାକୁ ବ୍ୟବହାର କରି ଇଜିପ୍ଟବାସୀ ନୀଳନଦୀ ତୀରରେ ଥିବା ତାଙ୍କର ବିସ୍ତୃତ ଗହମ କ୍ଷେତକୁ ପକ୍ଷୀଙ୍କ ଦାଉରୁ ରକ୍ଷା କରୁଥିବା ଇତିହାସ କହେ। ସେମାନେ ଏହି ଫ୍ରେମ୍‌କୁ କ୍ଷେତ ଭିତରେ ଲୁଚାଇ ରଖୁଥିଲେ। ଆଉ ଚଢ଼େଇ ଆସିଲେ ତାକୁ ଟେକି ଦେଉଥିଲେ। ଏହାଦ୍ୱାରା ଫସଲ ରକ୍ଷାହେବା ସହ ଜାଲରେ ଧରାପଡୁଥିବା ଚଢ଼େଇକୁ ଇଜିପ୍ଟର ଚାଷୀମାନେ ରାତିରେ ରାନ୍ଧି ଖାଉଥିଲେ। ତା'ଛଡା ପୁରାତନ ଇଜିପ୍ଟର ଚାଷୀମାନେ ନୀଳନଦୀ କୂଳରେ ଥିବା ତାଙ୍କ ଫସଲକୁ ଚଢ଼େଇମାନଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ନଦୀପାର୍ଶ୍ୱରେ ଥିବା ମୋଟା କାଣ୍ଡବିଶିଷ୍ଟ ଗଛରେ ପୁରୁଣା ପୋଷାକ ଝୁଲାଇ ରଖୁଥିଲେ, ଯାହାକୁ ଦେଖି ପକ୍ଷୀ ଓ ଜୀବଜନ୍ତୁ କ୍ଷେତରେ ପଶିବାକୁ ସାହସ କରୁ ନ ଥିଲେ। ଫସଲ ରକ୍ଷା କରିବାର ଏହି ପଦ୍ଧତି ଧୀରେ ଧୀରେ ବିଭିନ୍ନ ଅଞ୍ଚଳର ଲୋକେ ଅନୁସରଣ କରିବାକୁ ଲାଗିଲେ।

**ଦିନେ ପିଲା ବି କରୁଥିଲେ ପାଳଭୂତର କାମ :** ପୁରାତନ ଗ୍ରୀସ୍‌ରେ ଚଢ଼େଇଙ୍କୁ ଡରେଇବା ଲାଗି କାଠରେ ଉର୍ବରତାର ଦେବତା 'ପ୍ରାଇଆପସ୍'ଙ୍କ ପ୍ରତିମୂର୍ତ୍ତି ଗଢ଼ି ଚାଷଜମିରେ ଠିଆ କରାଉଥିଲେ। ପରେ ରୋମ୍‌ବାସୀ ଗ୍ରୀସ୍‌ର ପାଳଭୂତକୁ ଅନୁସରଣ କରିଥିଲେ। ଆଉ ଯେବେ ୟୁରୋପର ସୈନ୍ୟ ରୋମ୍‌କୁ ଆସିଥିଲେ ସେମାନେ ପାଳଭୂତ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଆଉ ସେହି ସମୟରେ ଅର୍ଥାତ୍ ଅଷ୍ଟମ ଶତାବ୍ଦୀରେ ଜାପାନୀମାନେ ବି ପୁରୁଣା ମଇଳା ଡ୍ରେସ୍‌ପିନ୍ଧା ଓ ଘଣ୍ଟି ବନ୍ଧାଯାଇଥିବା ପୁତ୍ତଳିକା 'କୁଏବିକୋ'କୁ ଧାନକ୍ଷେତରେ ଶୁଆଙ୍କୁ ଘଉଡ଼େଇବା ପାଇଁ ବ୍ୟବହାର କରିବା ଆରମ୍ଭ କରିଥିଲେ ବୋଲି ଜଣାଯାଏ। ତାଙ୍କ ପାଳଭୂତ ଦେଖିବାକୁ ମଣିଷ ପରି ଥିଲା, ଯାହାକୁ ସେମାନେ ରେନ୍‌କୋଟ ଓ ହ୍ୟାଟ୍ ପିନ୍ଧାଉଥିଲେ। ଆଉ ଚାଷବାସର ଋତୁ ସରିଲେ ସେହି ପୁତ୍ତଳିକା ବା ପାଳଭୂତକୁ କ୍ଷେତରେ ପୋଡ଼ିଦେଉଥିଲେ, ଯାହାର ଧୂଆଁ ଓ ଗନ୍ଧ ଚଢ଼େଇଙ୍କୁ ଦୂରେଇ ରଖୁଥିଲା। ନେଟିଭ ଆମେରିକାରେ ଲୋକମାନେ ଉଚ୍ଚସ୍ଥାନରେ ବସି କ୍ଷେତକୁ ଜଗୁଥିଲେ। ଆଉ ଚଢେଇ କି ବନ୍ୟଜନ୍ତୁ ଆସିଲେ ଜୋର୍ ପାଟିରେ ଚିଲ୍ଲାଉଥିଲେ। ୟୁରୋପରେ ପାଳଭୂତକୁ ଦୈତ୍ୟ 'ବୁଗିମ୍ୟାନ' ସହ ତୁଳନା କରାଯାଏ, ଯେକି ଫଟା ପୋଷାକ ପିନ୍ଧେ। ଏଇ ପାଳଭୂତ ଚଢେଇଙ୍କୁ ଫସଲଠୁ ଦୂରେଇବା ସହ ଲୁଚକାଳି ଖେଳିବା ପାଇଁ କ୍ଷେତକୁ ଆସି ଫସଲ ନଷ୍ଟ କରିଦେଉଥିବା ଛୋଟପିଲାଙ୍କୁ ବି ଡରାଇବା କାମ କରୁଥିଲା। ଜର୍ମାନୀରେ ପାଳଭୂତ କାଠରେ ତିଆରି ହେଉଥିଲା, ଯାହା ଦେଖିବାକୁ ଡ୍ରିଚ୍ ବା ଡାହାଣୀ ପରି। ମଧ୍ୟଯୁଗୀୟ ବ୍ରିଟେନ୍‌ରେ ତ ଛୋଟପିଲାମାନେ ତାଳି ମାରି ମାରି କ୍ଷେତରେ ଦୌଡୁଥିଲେ ଅବା ପଥର ମାରି ପକ୍ଷୀଙ୍କୁ ଘଉଡାଉଥିଲେ। ସେତେବେଳେ ଛୋଟପିଲାମାନେ ପାଳଭୂତର କାମ କରୁଥିଲେ। ତେବେ ଏକ ମହାମାରୀରେ ଯେତେବେଳେ ଅନେକ ପିଲା ମୃତ୍ୟୁବରଣ କଲେ, ଚାଷୀମାନେ ପୁରୁଣା ପୋଷାକରେ ପାଳକୁଟା ଭର୍ତ୍ତି କରି ଓଲକୋବି ଅବା ଲାଉକୁ ମୁଣ୍ଡଭାବେ ବ୍ୟବହାର କରି ଏକ ପୁତ୍ତଳିକା ତିଆରି କରି ତାକୁ ଏକ ଠେଙ୍ଗାରେ ଲଗାଇ କ୍ଷେତ ମଝିରେ ପୋତିଦେଉଥିଲେ। ଏହି ସମୟରେ ଆମେରିକାରେ ଥିବା ଆପ୍ରବାସୀ ଜର୍ମାନୀ ଚାଷୀମାନେ ମଣିଷ ପରି ଦେଖିବାକୁ ପାଳଭୂତ ବା ସ୍କେୟାର୍ କ୍ରୋ ତିଆରି କରିବାକୁ ଆରମ୍ଭ କରିଥିଲେ, ଯାହାର ନାମ 'ବୁଟସ୍‌ଆମୋନ' ବା 'ବୁଗିମ୍ୟାନ' ଥିଲା। ଏହି ପାଳଭୂତକୁ ସେମାନେ ପୁରୁଣା ପୋଷାକରେ ପାଳକୁଟା ଭର୍ତ୍ତିକରି ତିଆରି କରୁଥିଲେ, ଯାହାର ବେକରେ ଲାଲ ସ୍କାର୍ଫ ପରି ଏକ କପଡ଼ା ବନ୍ଧାଯାଉଥିଲା। ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ପାଳଭୂତର ଏକ ନୂଆ ଯୁଗ ଆରମ୍ଭ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଚାଷୀମାନେ ପେଷ୍ଟିସାଇଡ୍ ବ୍ୟବହାର କରି ଚଢେଇ ଓ ଅନ୍ୟ ପ୍ରାଣୀଙ୍କୁ ଘଉଡ଼ାଇବା ଆରମ୍ଭ କଲେ। ସମୟ ବଦଳିବା ସହ ପରେ ଅନେକ ପଦ୍ଧତି ଆସିଛି ପକ୍ଷୀ ଓ ଫସଲ ଖାଉଥିବା ପ୍ରାଣୀଙ୍କୁ ଘଉଡାଇବା ପାଇଁ। ହେଲେ ଏବେବି ଅନେକ ଚାଷୀ ପାଳଭୂତକୁ ହିଁ କ୍ଷେତର ରଖୁଆଳୀ ଭାବେ ବ୍ୟବହାର କରୁଛନ୍ତି।

**ଏବେ ପାଳଭୂତ ପରିବର୍ତ୍ତେ ଏସବୁ:** ଯେଉଁ କୃଷକଙ୍କର ଜମି ବହୁତ ବଡ଼ ସେଠି ଗୋଟିଏ ପାଳଭୂତ ପୂରା ଫସଲକୁ ସୁରକ୍ଷା ଦେବା ସମ୍ଭବ ହୋଇ ନ ଥାଏ। ସେ କ୍ଷେତ୍ରରେ ଆଜିକାଲି ଚାଷୀମାନେ ବ୍ୟବହାର କରୁଛନ୍ତି ଅନେକ ଦୁର୍ଗନ୍ଧଭରା ତଥା ଖରାପ ସ୍ୱାଦର ସ୍ପ୍ରେ। ତା'ଛଡା କ୍ଷେତ ଚାରିପଟେ ବାଡ଼ ବି କରୁଛନ୍ତି। ଆଉ ବଗିଚାକୁ ରକ୍ଷା କରିବା ପାଇଁ ଅନେକେ ଶବ୍ଦ କରୁଥିବା ବିଭିନ୍ନ ଜିନିଷ ତଥା ଉଇଣ୍ଡ ଚାଇମ୍ ଓ ସ୍ପିନର୍‌ର ବ୍ୟବହାର କରୁଛନ୍ତି। ଏହାବାଦ୍ ଚମକ୍‌ଦାର ସିଡୀ ଓ ଥାଳିଆକୁ ଏକ ଖମ୍ବରେ ଝୁଲାଇ ରଖୁଛନ୍ତି, ଯାହାର ଚମକ୍ ଓ ଖଡ଼ ଖଡ଼ ଶବ୍ଦ ଅନେକ ସମୟରେ ଚଢ଼େଇଙ୍କୁ ଘଉଡ଼ାଇବାରେ ସାହାଯ୍ୟ କରିଥାଏ।

**ରାଜନୀତିରେ ପାଳଭୂତ:** କ୍ଷେତରେ ଜଗୁଆଳି କାମ କରୁଥିବା ପାଳଭୂତ ଆଜିକାଲି ରାଜନୀତିରେ ବି ସାମିଲ ହେଉଥିବା ଦେଖିବାକୁ ମିଳୁଛି। ଗୟାର ୱଜିରଗଞ୍ଜ ବିଧାନସଭା କ୍ଷେତ୍ରର କରଜରା ଗାଁର କୃଷକମାନେ ନିଜର ଦାବିକୁ ନେତାଙ୍କ ନଜରକୁ ଆଣିବା ଲାଗି ଆପଣେଇଥିଲେ ଏକ ଅଭିନବ ଉପାୟ। ସେମାନେ ନିଜ ନିଜ କ୍ଷେତରେ ପାଳଭୂତ ସ୍ଥାପିତ କରି ଏକ କାଗଜରେ ନିଜର ଦାବିକୁ ବଡ଼ ବଡ଼ ଅକ୍ଷରରେ ଲେଖି ପାଳଭୂତର ବେକରେ ମାଳ ପରି ଟଙ୍ଗାଇ ଦେଇଥିଲେ। ଯେମିତିକି ନେତାମାନଙ୍କ ନଜର ସେଆଡ଼କୁ ଯିବ ଓ ତାଙ୍କର ଦାବି ସମ୍ପର୍କରେ ସେମାନେ ଅବଗତ ହୋଇପାରିବେ। କୃଷକଙ୍କ ଦାବି ଥିଲା ଗାଁରେ ସୌରଶକ୍ତି ବା ଅକ୍ଷୟ ଉର୍ଜାର ବ୍ୟବସ୍ଥା କରାଇବା। ଗାଁରେ ବିଜୁଳି ହିଁ ଏକମାତ୍ର ଭରସା ହୋଇଥିଲେ ହେଁ ସବୁବେଳେ ବିଜୁଳି ରହୁ ନ ଥିବାରୁ ଜଳସେଚନ ହୋଇ ନ ପାରି ଫସଲ ନଷ୍ଟ ହେଉଥିଲା। ସେଥିପାଇଁ ଗ୍ରାମବାସୀ ଏଭଳି ଉପାୟ ଆପଣାଇଥିଲେ ନିଜର ଦାବି ଉପସ୍ଥାପନ କରିବା →











ପାଇଁ। ଏହାବାଦ୍ ଯଦି କୌଣସି ରାଜନେତାଙ୍କ ବିରୋଧରେ କେହି ସ୍ୱର ଉତ୍ତୋଳନ କରନ୍ତି ଅବା ତାଙ୍କ ବିରୋଧରେ ଧାରଣା ଦିଅନ୍ତି, ଅନେକ ସମୟରେ ଦେଖାଯାଏ ଲୋକେ ସେହି ନେତାଙ୍କର ଏକ ପୁତ୍ତଳିକା କୁଟାରେ ତିଆରି କରି କେବେ ତାକୁ ଚପଲ ମାଳ ପିନ୍ଧାଇ ବିରୋଧ ପ୍ରଦର୍ଶନ କରନ୍ତି ତ କେବେ ତାକୁ ଜଳାଇଥାନ୍ତି। ସେତେବେଳେ ପାଳଭୂତ ପରି ଏହି ପୁତ୍ତଳିକା 'କୁଶପୁତ୍ତଳିକା' ନାମରେ ପରିଚିତ ହୁଏ।

**ବହୁ ଉପକାରୀ ପାଳଭୂତ–ଅନୁପ କୁମାର ପାତ୍ର, ଚାନ୍ଦବାଲି ବ୍ଲକ କୃଷି ଅଧିକାରୀ**



ଫସଲର ବିଭିନ୍ନ ପ୍ରକାର ଶତ୍ରୁ ଥାଆନ୍ତି। ରୋଗ ଓ ପୋକ ଶତ୍ରୁ ଭାବରେ ଫସଲର କ୍ଷତି କରିଥାନ୍ତି। ତା'ଛଡା ବିଭିନ୍ନ ପ୍ରକାର ପକ୍ଷୀ ଓ ପଶୁ ବି ଫସଲର କ୍ଷତି ପହଞ୍ଚାନ୍ତି। ମଞ୍ଜି ବୁଣା ଯାଇଥିବାବେଳେ ପକ୍ଷୀମାନେ ମାଟିରୁ ଖୋଳି ଖାଇଦିଅନ୍ତି। ଫସଲର ବୃଦ୍ଧି ଅବସ୍ଥାରେ ମଧ୍ୟ କେତେପ୍ରକାରର ପକ୍ଷୀ ଯଥା ବଗ, ବାଇଚଢ଼େଇ ଆଦି ଖାଦ୍ୟ ଖାଇବାବେଳେ ଫସଲର କ୍ଷତି ଘଟାନ୍ତି। ଏମାନଙ୍କ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀଭାଇ ତାଙ୍କ ଜମିରେ ନଡ଼ାରେ ତିଆରି ବିଭିନ୍ନ ଆକୃତିର ଡାଙ୍ଗ ସ୍ଥାନିତ କରିଥାନ୍ତି। ଏହାକୁ ନଡ଼ାରେ ତିଆରି କଲାପରେ ମଣିଷର ପୁରୁଣା ପୋଷାକ ପିନ୍ଧାଇ ଦେଇଥାନ୍ତି। ଏହାକୁ ସାଧାରଣତଃ 'ପାଳଭୂତ' ବୋଲି କୁହାଯାଏ। ଏହି ପାଳଭୂତ ରଖିବାର ପ୍ରଥା ଆମ ରାଜ୍ୟ, ଦେଶ ଓ ବିଦେଶରେ ମଧ୍ୟ ପ୍ରଚଳିତ। ଭାରତରେ ଏହା ବ୍ୟବହାର କେବେଠାରୁ କରାଯାଉଛି ତାହାର ଠିକ୍ ତଥ୍ୟ ନାହିଁ। ହେଲେ ଏହା ଶହ ଶହ ବର୍ଷ ଧରି ଚାଷୀଭାଇଙ୍କର ସାଥୀ ହୋଇ ରହିଆସିଛି। ସ୍ଥାନ ବିଶେଷରେ ଏହି ପାଳଭୂତର ନିର୍ମାଣ ସାମଗ୍ରୀ ଓ ଆକୃତି ଭିନ୍ନ ଭିନ୍ନ ହୋଇଥାଏ। ଏହାକୁ ଇଂଲିଶରେ 'ସ୍କେୟାର କ୍ରୋ' ବୋଲି କୁହାଯାଏ। ଫସଲକୁ ନ ଯିବା ପାଇଁ କାଉମାନଙ୍କୁ ଭୟଭୀତ କରାଯିବାର ଅର୍ଥ ବୁଝାଉଥିଲେ ହେଁ ବିଭିନ୍ନ ପ୍ରକାରର ପକ୍ଷୀ ଓ ପଶୁ ଏହି ଡାଙ୍ଗକୁ ଦେଖି ଭୟ ପାଇ କ୍ଷେତକୁ ଆସନ୍ତି ନାହିଁ। ଅଞ୍ଚଳ ଭିତ୍ତିରେ ଏହି ପାଳଭୂତର ମସ୍ତକରେ ମାଟିହାଣ୍ଡି, କଳସୀ ଘୋଡ଼ାଇ ଚିତ୍ର ବିଚିତ୍ର କରାଯାଇଥାଏ। ଏହା ଏକ କାଳ୍ପନିକ ଭୂତର ରୂପ ପ୍ରକାଶ କରିଥାଏ। ପାରମ୍ପରିକ ଭାବେ ପାଳଭୂତକୁ ପଶୁପକ୍ଷୀଙ୍କୁ ଘଉଡାଇବା ଉଦ୍ଦେଶ୍ୟରେ ସ୍ଥାନିତ କରାଯାଉଥିଲେ ହେଁ ସାମ୍ପ୍ରତିକ କୃଷି ବିଜ୍ଞାନରେ ଏହାର ଅନ୍ୟ ଦିଗଗୁଡ଼ିକ ଉନ୍ମୋଚନ କରାଯାଉଛି। ଫସଲକୁ ନଷ୍ଟ କରୁଥିବା କୀଟମାନଙ୍କର ଜୈବନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଫସଲ ଜମିରେ ମଞ୍ଚା ପ୍ରସ୍ତୁତ କରିବା ପାଇଁ ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି। ଏହି ମଞ୍ଚା ବାଉଁଶ କଣିରେ ପ୍ରସ୍ତୁତ କରାଯାଉଛି। ଏଥିରେ ପକ୍ଷୀମାନେ ଆସି ବସିଥାନ୍ତି ଓ ସେହି ଜମିରେ ଥିବା ଅନିଷ୍ଟକାରୀ କୀଟମାନଙ୍କୁ ଖାଇଥାନ୍ତି। ପାଳଭୂତର ମଧ୍ୟ ଏଭଳି ଭୂମିକା ରହିଛି। ପକ୍ଷୀମାନେ ଏହା ଉପରେ ବସି ଫସଲରୁ ପୋକ ଖାଇଯିବାର ଦେଖାଯାଉଛି। ଅନ୍ୟ କେତେକଙ୍କ ମତରେ ଫସଲ କ୍ଷେତକୁ ଦେଖଣାହାରି ଓ ପଥଚାରୀଙ୍କ ଦୃଷ୍ଟିରୁ ଦୂରେଇବା ପାଇଁ ଏଭଳି ଚିତ୍ର ବିଚିତ୍ର ଡାଙ୍ଗ ସ୍ଥାନିତ କରାଯାଇଥାଏ।

**ଅସହାୟ ଅସ୍ତିତ୍ୱର କଥା କହେ ମୋ ପାଳଭୂତ–ମାନମୟୀ ରଥ, ସାହିତ୍ୟିକା**



ମାଟି ମାଠିଆ କି ହାଣ୍ଡିରେ ତିଆରି ହୋଇଥିବା ମୁହଁ, ଛଣକୁଟାର ହାତ ଓ ବେକ, ଟାଙ୍କ ବୋଇଲେ ଖଣ୍ଡେ ତହିଁରେ ଦେହକୁ ଆବୋରିଥିବ ଛିଣ୍ଡା ଆଉ ଅଖାଡୁଆ ସାର୍ଟ । ଦୂରରୁ ଲାଗୁଥିବ ସେ ତୁମକୁ ଦେଖୁଛି । ସୁଯୋଗ ପାଇଲେ ଯେମିତି ମାଡ଼ି ଆସିବ ଘଉଡେଇ ଦେବାକୁ । ନନାଙ୍କ ସହ କ୍ଷେତକୁ ଗଲାବେଳେ ପାଳଭୂତ ଚକ୍କରରେ ଜାକି ହୋଇ ଆସୁଥିଲି ନନାଙ୍କ ଆଡକୁ । ମୁଠେଇ ଧରୁଥିଲି ତାଙ୍କ ଅଭୟଦାୟୀ ଆଙ୍ଗୁଠିକୁ । କିଶୋରୀ ହେଲାବେଳକୁ ବୁଝି ସାରିଥିଲି ପାଳଭୂତର ଅସ୍ତିତ୍ୱ । ଭୟ ନୁହେଁ ଏକ ଅଦ୍ଭୁତ ଅସ୍ୱସ୍ତି ତିଆରି ହେଉଥିଲା ମୋ' ଭିତରେ । ଆଖପାଖରେ ଦିଶୁ ନ ଥିବା ଜନବସତି ଓ ପାଳଭୂତକୁ ନେଇ ମୁଁ ଅସ୍ଥିର ହେଲି । ପବନରେ ଉଡୁଥିବା ତା ସାର୍ଟ, ଦୋହଲୁଥିବା ଦେହ ସହ ମୁଁ ଦେଖି ପାରୁଥିଲି ଗାଇଗୋରୁଙ୍କୁ ତାକୁ ରୋପଣ କରାଯାଇଥିବା କ୍ଷେତରେ । ଚଢେଇ ହେଉ କି ମଣିଷ କାହାର ଯେମିତି ନିଘା ନାହିଁ ତା ଅସ୍ତିତ୍ୱ ପ୍ରତି । ଯିଏ ଯାହା ବାଟରେ ନଷ୍ଟ କରୁଥାନ୍ତି ଫସଲ । କେତେବେଳେ ତା ଦେହର ଛଣ ବି ଚାକୁଳି ହେଉଥାଏ । ଠିଆ ହୋଇଥାଏ ବିଚରା ପାଳଭୂତ ନିରବ, ଅସହାୟ ହୋଇ। ଭାଷାରେ ପ୍ରତିରୋଧ କରିବା ପାଇଁ ମୋ' ଭିତରେ କେବେ ବି ଜୁଟେଇ ପାରିନି ସାହସ ପିଲାବେଳୁ କେବଳ ବଡ଼ପାଟିରେ କାନ୍ଦିବା ଛଡ଼ା । ମୁଁ ନିଜକୁ ପାଳଭୂତ ଭାବିବା ଆରମ୍ଭ କଲି ଯେବେ ତୁଳନା କରିବା ଜାଣିଲି । ମୁଁ ଅଛି କିନ୍ତୁ ନାହିଁ । କିଏ ଉପାଡ଼ି ଫିଙ୍ଗି ଦେଲେ ବି ମୋର ତାକୁ ଡରେଇବାର ସାମର୍ଥ୍ୟ ନାହିଁ । ଯେତିକି ଯେତିକି ଏକାତ୍ମ ହେଲି ପାଳଭୂତ ସହ ତାକୁ ଭଲ ପାଇବା ଆରମ୍ଭ କଲି । ମୋତେ ସେ କେବେ ଅବୋଧ ଶିଶୁ ଭଳି କୋମଳ, ନିରୀହ ଲାଗିଲା ତ କେବେକେବେ ସ୍ୱପ୍ନଭଙ୍ଗର ଯନ୍ତ୍ରଣାରେ ମ୍ରିୟମାଣ ବାପାଟେ ଭଳି ବିକଳ ଏବଂ ଅସହାୟ ଲାଗିଲା । ମୋ' ଚାରିପାଖର ସବୁ ମଣିଷ ଭିତରେ ମୁଁ ତାକୁ ଭେଟିଲି ଏବଂ ବିସ୍ମିତ ହେଲି । ତାର ନିପାରିଲାପଣ, ତାର ଅସହାୟତାକୁ ଭୋଗୁଥିଲାବେଳେ ମୁଁ ତାକୁ ନାୟକ କରି ଲେଖିଲି ଗପଟିଏ – 'ଅସ୍ତିତ୍ୱ' । ପ୍ରକାଶ ପାଇଥିଲା ସମ୍ବାଦରେ । କଳ୍ପନାତୀତ ଥିଲା ପାଠକୀୟ ପ୍ରତିକ୍ରିୟା । ମୁଁ ମାନୁଥିବା କବି ଲେଖକ ବଡ଼ଭାଇମାନେ ଯେଉଁମାନେ କି ସହଜରେ ପ୍ରଶଂସା କରିପାରନ୍ତି ନାହିଁ, ସେମାନେ ତାରିଫ କଲେ । ତେଣୁ ପାଳଭୂତକୁ ନେଇ ଗପର ସିରିଜ ଆରମ୍ଭ ହେଲା । ତାକୁ ଚରିତ୍ର କରି ଗପ ଲେଖିଲାବେଳେ କିଛି ନା କିଛି ଘଟଣା ଯାହା ମୋତେ ବ୍ୟଥିତ କରିଥାଏ, ବ୍ୟତିବ୍ୟସ୍ତ କରିଥାଏ। ବିଦ୍ରୋହ ତ ହେଲାନି ମୋ ଦେଇ ତେଣୁ ବିଦ୍ରୁପ ଶିଖେଇଲି ତାକୁ ମାନେ



ପାଳଭୂତ ବେକରେ ଝୁଲିଛି କୃଷକମାନଙ୍କ ଦାବିପତ୍ର

# ଗୋବର କଣ୍ଢେଇ





ପାରମ୍ପରିକ ହସ୍ତଶିଳ୍ପ ଓ କଳାକାରିଗରି ଓଡ଼ିଶାକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଯେଉଁଥିରେ ଓଡ଼ିଆ ଘରର ସାମାଜିକ ଚଳଣି ପ୍ରତିଫଳିତ ହୋଇଥାଏ। ଏହା ଦେଖିବାକୁ ଯେତିକି ସୁନ୍ଦର, ସେମିତି ମନଛୁଆଁ ହୋଇଥାଏ। ତେବେ ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ପ୍ରକାରର କଳାକାରିଗରି ଦେଖିବାକୁ ମିଳେ। ଯେମିତିକି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ କରଡ଼ଗାଡ଼ିଆ ଗୋବରରେ ତିଆରି ବିଭିନ୍ନ କଳାକୃତିର କଣ୍ଢେଇ ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରିଛି। ଏମିତି ହସ୍ତକଳା କାରିଗରିରେ ନିଜ ପରିବାର ଗୁଜରାଣ ମେଣ୍ଟାଉଛନ୍ତି ଏହି ଗାଁର ମଞ୍ଜୁଲତା ମହାପାତ୍ର। ସେ କୁହନ୍ତି, ଆମ ପରିବାରର ୩ ଜଣ ସଦସ୍ୟ ଏହି ଗୋବର କଣ୍ଢେଇ ପ୍ରସ୍ତୁତ କରିଥାଉ। ଏହାବାଦ ଗାଁର ବୃଦ୍ଧା ନିଶାମଣି ମହାପାତ୍ର, ବିଦ୍ୟୁଲତା ମହାପାତ୍ର ମଧ୍ୟ ଏହି ହସ୍ତକଳା କାରିଗରି ଜାଣିଛନ୍ତି। ମୋ ବାପଘର ତିଗିରିଆରେ ପ୍ରାୟ ୧୨ବର୍ଷ ବୟସରୁ ଏହି ଗୋବର କଣ୍ଢେଇ କଳାକୃତି ଶିଖିଥିଲି। ଏବେ କରଡ଼ଗାଡ଼ିଆ ଗାଁ ଶାଶୁଘରେ ବଳକା ସମୟରେ ଏହି କଳାକୃତିକୁ ଆରମ୍ଭ କରିଛି। ଏମିତିରେ ପ୍ରାୟ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଗୋବର କଣ୍ଢେଇ ତିଆରି କରି ପରିବାର ପ୍ରତିପୋଷଣ କରୁଛି। ଏହି କଣ୍ଢେଇ ତିଆରି ପାଇଁ ପ୍ରଥମେ ଗାଈ ଗୋବର ଏବଂ କରତଗୁଣ୍ଡକୁ ସଂଗ୍ରହ କରି ଆଣିଥାଉ। ତା'ପରେ ତାକୁ ଭଲଭାବରେ ମିଶାଯାଇଥାଏ। ଗୋବରରେ କରତଗୁଣ୍ଡ ଓ ଫେବିକଲ ଅଠା ମିଶାଇଥାଉ। ପରେ ଏସବୁକୁ ଭଲଭାବେ ଚକଟି ରଖିଥାଉ। ତା'ପରେ ଛାଞ୍ଚରେ ସେହି ମିଶ୍ରଣକୁ ଢାଳିଥାଉ। ଯେଉଁଥିରୁ ବିଭିନ୍ନ କଳାକୃତୀ ବାହାରିଥାଏ। ପ୍ରଥମେ କଳାକୃତିର ଗଣ୍ଡି, ତା'ପରେ ମୁଣ୍ଡ, ପରେ ଗୋଡ଼ ଏବଂ ଅନ୍ୟ ଭାଗକୁ ଛାଞ୍ଚରୁ ବାହାରକରି ଯୋଡ଼ି ଖରାରେ ଶୁଖାଇବାକୁ ପଡ଼ିଥାଏ। ତା'ପରେ ବାଲିକାଗଜ ସାହାଯ୍ୟରେ ହାଲକାଭାବେ ଘଷିଥାଉ। ଏହାଦ୍ୱାର କଣ୍ଢେଇ ଚିକ୍କଣ ହୋଇଥାଏ। ସେଥିରେ ପୁଣି କାଗଜ ଛାପିଥାଉ। ଏହାକୁ ଖରାରେ ଶୁଖାଇବା ପରେ ଖଡ଼ିଗୁଣ୍ଡ ଲେପିଥାଉ। ପୁଣିଥରେ ଖରାରେ ଏହା ଶୁଖିଗଲା ପରେ ସେହି କଳାକୃତି ସୁନ୍ଦର ଦିଶିବାକୁ ବିଭିନ୍ନ ରଙ୍ଗରେ ରଙ୍ଗାଇଥାଉ। ବିଶେଷକରି ବିଭିନ୍ନ ପଶୁପକ୍ଷୀ ଯଥା- ପାରା, କାଉ, ଶୁଆ ଆଦି ଚଢ଼େଇ ସହ ହାତୀ, ଘୋଡ଼ା, ମଇଁଷି, ଭାଲୁ, ଫୁଲଦାନି ଓ ପୁଅଝିଅ କଣ୍ଢେଇ ଆଦି ଗଢ଼ିଥାଉ। ଗୋଟିଏ ଗୋଟିଏ କଳାକୃତିକୁ ୧୦ରୁ ଆରମ୍ଭକରି ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଇଥାଏ। ଖରାପାଗ ଦେଖି ଏମିତି ଗୋବର କଣ୍ଢେଇ ତିଆରି କରିଥାଉ। କିନ୍ତୁ ବର୍ଷାଋତୁରେ ଏହି ହସ୍ତକଳା କାମ ବନ୍ଦ ରହେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ମେଳା ମହୋତ୍ସବରେ ଗୋବର କଣ୍ଢେଇ ବିକ୍ରି ହୋଇଥାଏ। ବିଶେଷକରି



ଭୁବନେଶ୍ୱରର ଅଶୋକାଷ୍ଟମୀ, ଅଟ୍ରିର ରଜ, କଟକ ବାଲିଯାତ୍ରା ଓ ପୁରୀ ରଥଯାତ୍ରା ସମୟରେ ଏହାକୁ ବିକ୍ରି ଲାଗି ନେଇଥାଉ। ଏହାଦ୍ୱାରା ଜଣେ ଜଣେ କାରିଗର ମାସିକ ପ୍ରାୟ ୧୫ରୁ ୨୦ ହଜାର ଟଙ୍କା ରୋଜଗାର କରିଥାନ୍ତି।

**ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...**

## ପାଳଭୂତ

ସେହି ଚରିତ୍ରକୁ । ପାରିବାରିକ ମୋହ, ଆନୁଷ୍ଠାନିକ ଲୋଭ, ଢିଲା ପ୍ରଶାସନ, ଭଙ୍ଗୁରପ୍ରବଣ ସମ୍ପର୍କ, ନୀତିବିହୀନ ରାଜନୀତି, ନିଜ ସ୍ଥିତିକୁ ନେଇ ସନ୍ଦିହାନ ସାମାଜିକ ବ୍ୟବସ୍ଥା ସବୁ ଆସି ଠିଆହେଲେ ସାମ୍ନାରେ । ପାଳଭୂତ ମୁହଁରେ ବିଦ୍ରୁପର ଆକର୍ଣ୍ଣ ହସଟେ ଆଙ୍କି ତାକୁ କୁହାଇବା ଶିଖେଇଲି ଗପରେ ଯାହା ମୁଁ ସାଧାରଣତଃ କରିପାରେନି ମୋ ବ୍ୟକ୍ତିଗତ ଜୀବନରେ। ପାଳଭୂତ ସିରିଜରେ ଥିବା ପ୍ରାୟ ଗପ ଯାହା ପ୍ରକାଶିତ ହୋଇଛି ଆଦର ସାଉଁଟିଛି ଏବଂ ତାକୁ ବଳଶାଳୀ କରିବାର ଆଗ୍ରହ ମୋ' ଭିତରେ ତିଆରି ହୋଇଛି ।'

**ପଢ଼ାବହିରେ, ସାହିତ୍ୟରେ ପାଳଭୂତ:** ଅଜବ ଆକାର ଓ ଆକୃତିର ହୋଇଥିଲେ ହେଁ ଏହା କବି ଗାଳ୍ପିକଙ୍କ ମନକୁ ଏପରି ଆନ୍ଦୋଳିତ କରିଛି ଯେ, ଦେଶ ଓ ବିଦେଶର ଅନେକ ଲେଖକଙ୍କ ଲେଖନୀରୁ ଝରିପଡ଼ିଛି ଅନେକ ଗଳ୍ପ କବିତା। ତେବେ ଖାଲି ଲେଖକ ଲେଖନୀରେ ନୁହେଁ ପିଲାଙ୍କ ପାଠ୍ୟପୁସ୍ତକରେ ବି ଏହା ସ୍ଥାନ ପାଇଛି। ଯଦ୍ଦ୍ୱାରା ଆମ ସମାଜ, ସଂସ୍କୃତି ସହ ଜଡ଼ିତ ଏହି ନିର୍ଜୀବ ପାଳଭୂତର ମହତ୍ତ୍ୱ ସମ୍ପର୍କରେ ଆଗାମୀ ପିଢ଼ି ଅବଗତ ହୋଇପାରୁଛନ୍ତି।

**ବିଦେଶରେ ପାଳଭୂତ ମହୋତ୍ସବ:** ବିଦେଶର ପାଳଭୂତ ଆମ ଦେଶର ପାଳଭୂତ ପରି ଦେଖିବାକୁ ହୋଇଥିଲେ ହେଁ ଏହାର ମୁଣ୍ଡ ଓ ପୋଷାକରେ ଥାଏ କିଛିଟା ଭିନ୍ନତା। ବିଦେଶରେ ପାଳଭୂତର ମୁଣ୍ଡକୁ ଅନେକେ କଖାରୁରେ ତିଆରି କରିଥାନ୍ତି। ଆଉ ତା' ପୋଷାକ ପୁରୁଣା ହୋଇଥିଲେ ହେଁ ସେଥିରେ ପଶ୍ଚିମ ସଂସ୍କୃତିର ଛାପ ସ୍ପଷ୍ଟ ବାରି ହୋଇଯାଏ। ପଶ୍ଚିମ ସଂସ୍କୃତିରେ ପାଳଭୂତର ମହତ୍ତ୍ୱ ବହୁତ ରହିଛି। ତେଣୁ ତାକୁ ନେଇ ଅନେକ ମହୋତ୍ସବ ବି ପାଳନ କରାଯାଇଥାଏ। ଇଂଲଣ୍ଡରେ ୧୯୯୦ରେ ଦି ଅର୍କଫଣ୍ଟ ସ୍କେୟାର କ୍ରୋ ଫେଷ୍ଟିଭାଲ ଆରମ୍ଭ ହୋଇଥିଲା। ଏହା ହେଉଛି ଦକ୍ଷିଣ ଇଂଲଣ୍ଡର ପ୍ରଥମ ସ୍କେୟାର କ୍ରୋ ଫେଷ୍ଟିଭାଲ। ସେହିଭଳି ଇଂଲଣ୍ଡର ନର୍ଥ ୱର୍ସଷ୍ଟରସାୟରରେ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ୱିକେଣ୍ଡରେ, ଷ୍ଟାଫୋର୍ଡଶାୟରସ୍ଥ ମିରବ୍ରୁକ୍ ଗ୍ରାମରେ ପ୍ରତିବର୍ଷ ମେ ମାସରେ ଏବଂ ଟେଟଫର୍ଡ, ସାଲମନବାୟ, ଲିଙ୍କଲନ୍‌ଶାୟ ଆଦି ସହର ମିଳିତଭାବେ ଏହି ଉତ୍ସବ ପାଳନ କରିଥାନ୍ତି। ନରଲାଣ୍ଡ, ୱେଷ୍ଟ ୟୋର୍କଶାୟରରେ ବି ଏହି ଉତ୍ସବ ପାଳିତ ହୁଏ। ତା'ସହ ନର୍ଥ ୟୋର୍କଶାୟରର କେଟଲୱେଲରେ ୧୯୯୪ଠାରୁ ପ୍ରତିବର୍ଷ ଏହି ଉତ୍ସବ ପାଳିତ ହେଉଛି। ସ୍କଟ୍‌ଲାଣ୍ଡର ପ୍ରଥମ ସ୍କେୟାର କ୍ରୋ ଉତ୍ସବ ୨୦୦୪ରେ ୱେଷ୍ଟ କିଲବ୍ରାଇଡରେ ପାଳିତ ହୋଇଥିଲା। ଆଉ ଆମେରିକାର ସେଣ୍ଟ ଚାର୍ଲସ୍, ଇଲିନଏସ୍‌ରେ ପ୍ରତିବର୍ଷ ଏହି ଉତ୍ସବ ପାଳିତ ହୁଏ। ନିକଟରେ ଫିଲିପାଇନ୍ସରେ ବି ଏହି ପର୍ବ ପାଳନ ଆରମ୍ଭ ହୋଇଛି। ଏହି ଉତ୍ସବରେ ଲୋକେ ବିଭିନ୍ନ ପ୍ରକାରର ପାଳଭୂତ ତିଆରି କରିଥାନ୍ତି। କେଉଁଟି ଭୟାନକ ତ କେଉଁଟି ଭାରି ମଜାଳିଆ ହୋଇଥାଏ। ବିଭିନ୍ନ ପ୍ରକାରର ପୋଷାକ



ଓ ଭଙ୍ଗୀରେ ତିଆରି ହେଉଥିବା ଏହି ପାଳଭୂତକୁ ଦେଖିବା ପାଇଁ ଅନେକ ଦର୍ଶକ ମଧ୍ୟ ଆସନ୍ତି।

**ଭାରତର ଚର୍ଚ୍ଚିତ ପାଳଭୂତ:** ଲେହେଙ୍ଗା ସାଙ୍ଗକୁ ସବୁଜରଙ୍ଗର ଶାର୍ଟ ଓ ମୁଣ୍ଡରେ ବନ୍ଧା ହେଡ୍‌ସ୍କାର୍ଫକୁ ଦେଖିଲେ ଜଣାପଡ଼େ ତାହା ଜଣେ ମହିଳା ପରି। ହାତରେ ଧରିଛି ସାଇକେଲ ହ୍ୟାଣ୍ଡେଲ। ଆଉ ସେଇ ହ୍ୟାଣ୍ଡେଲଟି ଭୂମିରେ ଥିବା ଏକ ବଡ଼ ସ୍ପ୍ରିଂ ସହ ଲାଗି ରହିଛି। ପବନର ବେଗ ବଢ଼ିଲେ ଆରମ୍ଭ ହୁଏ ଏକ ଭୟଙ୍କର ଦୃଶ୍ୟ। ଲାଗେ ସତେଯେମିତି ନାରୀରୂପୀ ଭୂତଟିଏ ସାଇକେଲର ହ୍ୟାଣ୍ଡେଲ ଧରି ଡେଉଁଛି, ପବନରେ ଉଡ୍ଡୁଛି। ଯଦି କେହି ନିଶୂନ ରାତିରେ ଏହି ଦୃଶ୍ୟ ଦେଖିଦିଏ ତ ଭୟରେ ସେଇଠି ମୃତ୍ୟୁ ହେଇଯିବା ସୁନିଶ୍ଚିତ। ତେବେ ଭୂତର ଭ୍ରମ ସୃଷ୍ଟି କରୁଥିବା ଏଇ ଜିନିଷଟି ହେଉଛି ଏକ ପାଳଭୂତ, ଯାହାକୁ ଭାରତର କେହି ଜଣେ ଜୁଗାଡ଼ ଲଗାଇ ତିଆରି କରି ନିଜ ଜମିରେ ଲଗାଇଥିବାର ଭିଡିଓ ନିକଟରେ ବେଶ୍ ଚର୍ଚ୍ଚାକୁ ଆସିଥିଲା।


ସେହିଭଳି ଆଉ ଏକ ଜୁଗାଡ ପାଳଭୂତର ଭିଡିଓ ବି ଚର୍ଚ୍ଚାକୁ ଆସିଥିଲା, ଯାହାକୁ ଆନନ୍ଦ ମହିନ୍ଦ୍ରା ନିଜର ଟୁଇଟର୍ ଆକାଉଣ୍ଟରେ ଶେୟାର କରିଥିଲେ। ଏଥିରେ ଦେଖିବାକୁ ମିଳେ ଗୋଟିଏ ଖୁଣ୍ଟରେ ଏକ ଫ୍ୟାନ୍‌ର ପଙ୍ଖା ବନ୍ଧାଯାଇଛି, ଯାହାର ପଛପଟେ ଧାତୁର ଏକ ବଙ୍କା ରଡ୍ ଲାଗିଛି ଓ ପଙ୍ଖା ପଛଭାଗରେ ଖୁଣ୍ଟରେ ଏକ ଷ୍ଟିଲ୍‌ଥାଳି ବି ଲାଗିଛି। ପବନ ବହିବା ସହ ଯେବେ ପଙ୍ଖାଟି ବୁଲୁଛି ପଙ୍ଖା ପଛପଟେ ବନ୍ଧା ରଡ୍‌ଟି ସେହି ଥାଳିରେ ପିଟି ହୋଇ ଖୁବ୍ ଜୋର୍‌ରେ ଢଣ୍ ଢଣ୍ ଶବ୍ଦ ହେଉଛି। ସେ ଶବ୍ଦ ଏତେ ତୀବ୍ର ଯେ କୌଣସି ପକ୍ଷୀ କି ପ୍ରାଣୀ ଚାଷଜମି ଭିତରକୁ ପ୍ରବେଶ କରିବେନି।


ଅଦରକାରୀ, ମୂଲ୍ୟହୀନ ସାମଗ୍ରୀରୁ ତିଆରି ହେଉଥିଲେ ହେଁ ପାଳଭୂତର ମହତ୍ତ୍ୱ ଯେ କେତେ, ତାହା ତା'ର ହଜାର ହଜାର ବର୍ଷ ଧରି ବଞ୍ଚି ରହିଥିବା ସତ୍ତା ପ୍ରମାଣିତ କରେ। ପାଳଭୂତ ସେବେବି କୃଷକର ବନ୍ଧୁ ଥିଲା ଆଉ ଆଜି ବି ବନ୍ଧୁଟିଏ ହୋଇ ରହିଛି।

**–ଶିବାନୀ ମହାନ୍ତି**




# ପାଠକ ମଞ୍ଚ ଦେଇଛି ପରିଚୟ





ପେସା ତାଙ୍କର ଶିକ୍ଷକତା କିନ୍ତୁ ନିଶା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପାଦେୟ ପୁସ୍ତକ ଓ ପତ୍ରପତ୍ରିକା ବଣ୍ଟନ କରିବା। କିପରି ପୁସ୍ତକ ପଠନ ପ୍ରତି ସମସ୍ତେ ଅଧିକରୁ ଅଧିକ ଆଗ୍ରହୀ ହେବେ ସର୍ବଦା ସେ ଚିନ୍ତା ତାଙ୍କୁ ଘାରୁଥିଲା। ଯେଉଁଥିପାଇଁ ସେ ଗଢ଼ିଲେ ଏକ ପାଠକ ମଞ୍ଚ। ପ୍ରାୟ ୧୭ ବର୍ଷ ଧରି ସେ ଏହି ପ୍ରୟାସ ଜାରି ରଖିଛନ୍ତି। ଏହି ପାଠକମଞ୍ଚ ଜରିଆରେ ସ୍କୁଲ କଲେଜ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ମାଗଣାରେ ବିଭିନ୍ନ ଉପାଦେୟବହି ପଢ଼ିବାର ସୁବିଧା ସୁଯୋଗ ପାଇଆସୁଛନ୍ତି। ଏହାବାଦ ସେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ, କବିତା, ଗଳ୍ପ ଓ ଉପନ୍ୟାସ ଆଦି ଲେଖା ଲେଖି କରନ୍ତି। ଏହାଛଡା ଏକାଧିକ ପୁସ୍ତକ ରଚନା କରିବା ସହ ଅନୁବାଦ ମଧ କରିଛନ୍ତି। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ **ରବୀନ୍ଦ୍ର କୁମାର ନାୟକ**। ଜନ୍ମ ୨୫ ମାର୍ଚ୍ଚ, ୧୯୬୫ ମସିହା। ପିତା ନାରାୟଣ ନାୟକ, ମାତା ରମ୍ଭାବତୀ। ଘର କେନ୍ଦୁଝର ଜିଲା ହାଟଡ଼ିହି ଅନ୍ତର୍ଗତ ନୂଆରମ୍ଭାସ ଗାଁ ରେ। ସେ କୁହନ୍ତି, ପିଲାଦିନେ ବିଭିନ୍ନ ପୁସ୍ତକର ଛବି ଦେଖି ଖୁସି ହୋଇପଡୁଥିଲି। ସ୍କୁଲ ବୟସରେ ବିବେକାନନ୍ଦଙ୍କ ଜୀବନୀ ବିଷୟରେ କେତେକ ବହି ପଢିଥିଲି, ଯାହା ମୋତେ ଉପାଦେୟ ପୁସ୍ତକ ପଢିବାର ପ୍ରତି ଆଗ୍ରହ ସୃଷ୍ଟି କରିଥିଲା। ଗାଁ ସ୍କୁଲରେ ପାଠପଢ଼ା ସାରି ଭଦ୍ରକ କଲେଜରେ ବିଏ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରେ ଇଂଲିଶ ଭାଷା–ସାହିତ୍ୟରେ ଏମ୍.ଏ. ,ଏମ୍.ଫିଲ୍ ସାରିଲି। ତା'ପରେ ୧୯୮୯ ମସିହାରେ ଢେଙ୍କାନାଳର ଏକ କଲେଜରେ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଲା। ମାତ୍ର ଗାଁକୁ ଯେତେବେଳେ ଫେରୁଥିଲି ଅନୁଭବ କଲି ଆଜିକାଲି ଗାଁର ଅନେକ ପିଲାଙ୍କ ମନରୁ ପୁସ୍ତକ ଅଧ୍ୟୟନ ଅଭ୍ୟାସ ପ୍ରତି ଆଉ ଆଗ୍ରହ ନାହିଁ। ଏଥିପାଇଁ ପ୍ରଥମେ ଗାଁରେ ଥିବା ସ୍କୁଲ କଲେଜରେ ପଢୁଥିବା ପିଲାମାନଙ୍କୁ ଅଳ୍ପସଂଖ୍ୟକ ବିଭିନ୍ନ ଉପାଦେୟ ପୁସ୍ତକ ବଣ୍ଟନ କରିଥିଲି। ପିଲାମାନଙ୍କ ମଧ୍ୟରେ ପାଠ୍ୟପୁସ୍ତକ ସହିତ ବିଭିନ୍ନ ଉପାଦେୟ ପୁସ୍ତକ ପଢିବାର ଆଗ୍ରହ କିପରି ବଢ଼ିବ ସେଥିପାଇଁ ସବୁବେଳେ ଉଦ୍ୟମ କଲି। ଏହାସହ ପିଲାମାନଙ୍କୁ ନେଇ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା କରିଥିଲି। ଏମିତି ଅଭ୍ୟାସ ମୋର ଜାରି ରହିଲା। ସେମାନଙ୍କ ମନରେ ଏକ ଭାବନା ଆସିଲା ଯେ ଗୋଟିଏ ଉତ୍ତମ ପୁସ୍ତକ କେବଳ ଖୁସି ଦିଏ ନାହିଁ, ଜୀବନର ବିକାଶ ଦିଗରେ ବାଟ ଦେଖାଇବା ସହ ପରମ ବନ୍ଧୁ ବି ହୋଇପାରେ। ମୋର ଏହି ପ୍ରୟାସ ସଫଳ ହେଲା। ଦେଖିଲି ଆସ୍ତେ ଆସ୍ତେ ପିଲାଙ୍କ ମଧ୍ୟରେ ପଢିବା ପାଇଁ ଆଗ୍ରହ ବଢୁଛି। ଏହାକୁ ଲକ୍ଷ୍ୟରେ ରଖି ୨୦୦୫ ଡିସେମ୍ବର ୩୧ରେ ବିବେକାନନ୍ଦ ପାଠକମଞ୍ଚ ଗଠନ ହେଲା, ଯାହା ସହ ଅନେକ ମାନ୍ୟଗଣ ବ୍ୟକ୍ତି ବି ଯୋଡି ହେଲେ। ପ୍ରତିବର୍ଷ ହାଟଡ଼ିହି ବ୍ଲକ ଅଧୀନ ୫୦ରୁ ଊର୍ଦ୍ଧ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଚତୁର୍ଥରୁ ଦଶମ ଶ୍ରେଣୀର ୨୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉପାଦେୟ ପୁସ୍ତକ ପଢ଼ିବା ଏବଂ ବିଭିନ୍ନ ଶିକ୍ଷଣୀୟ ପ୍ରତିଯୋଗିତା କରିଆସୁଛୁ। ପ୍ରତିଯୋଗୀମାନଙ୍କୁ ମାଗଣାରେ ବିଭିନ୍ନ ଶିକ୍ଷଣୀୟ ଗଳ୍ପ, କବିତା, ମହାପୁରୁଷଙ୍କ ଜୀବନୀ ଆଦି ଉପାଦେୟ ପୁସ୍ତକ ବାଣ୍ଟିଥାଉ। ଏଥିରେ ଭାଗ ନେଉଥିବା ପ୍ରତିଯୋଗୀମାନଙ୍କୁ ତିନି ଗୋଟି ବର୍ଗରେ ଏବଂ ଦୁଇଟି ପର୍ଯ୍ୟାୟରେ ଲିଖିତ ଓ ମୌଖିକ ପରୀକ୍ଷା କରାଯିବା ସହ ପିଲାମାନଙ୍କୁ ପୁରସ୍କୃତ ବି କରାଯାଇଥାଏ। ଯେଉଁଥିପାଇଁ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଛି। ଏହି ବିବେକାନନ୍ଦ ପାଠକ ମଞ୍ଚର ସାରସ୍ୱତ ଯାତ୍ରାରେ ଶିକ୍ଷକ ଅଭିମନ୍ୟୁ ସାହୁ , ଅବସରପ୍ରାପ୍ତ ପ୍ରାଧାପକ ବ୍ରଜମୋହନ ମିଶ୍ର, ପ୍ରଫେସର ଦୀପ୍ତିରଞ୍ଜନ ପଟ୍ଟନାୟକ, ଗାଳ୍ପିକ ଉମାକାନ୍ତ ରାଉତ, ପ୍ରାଧାପକ ଇନ୍ଦ୍ରମଣି ସାହୁ ପ୍ରମୁଖଙ୍କ ଭୂମିକା ରହିଛି।





**ପାଠକମଞ୍ଚ ଜରିଆରେ ପ୍ରାୟ ୧୭ ବର୍ଷ ଧରି ତାଙ୍କର ଏହି ପ୍ରୟାସ ଯୋଗୁ ବିଭିନ୍ନ ସ୍କୁଲ କଲେଜର ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ମାଗଣାରେ ବିଭିନ୍ନ ଉପାଦେୟବହି ପଢ଼ିବାର ସୁବିଧା ସୁଯୋଗ ପାଇ ଆସୁଛନ୍ତି...**

ଏହିସବୁ କାମ ବାଦ ମୁଁ ବିଭିନ୍ନ ଉପାଦେୟ ପୁସ୍ତକକୁ ଅନୁବାଦ କରିଥାଏ। ଇଂଲିଶ, ହିନ୍ଦୀରୁ ଓଡ଼ିଆ ଏବଂ ଓଡ଼ିଆରୁ ଇଂଲିଶ ଇତ୍ୟାଦି ଭାଷାରେ ପ୍ରାୟ ୩୦ ଖଣ୍ଡ ଅନୁବାଦ ପୁସ୍ତକ ମୋର ପ୍ରକାଶିତ ହୋଇସାରିଛି। ଏହାବାଦ୍ ୭ ଖଣ୍ଡ ପୁସ୍ତକ ରଚନା କରିଛି। ମୁଁ ଅନୁବାଦ କରିଥିବା ପୁସ୍ତକ ମଧ୍ୟରେ ହିମାଳୟରେ ବିବେକାନନ୍ଦ, ସବୁଦିନର ସାଥୀ, ବାଇ ଚଢ଼େଇର ବସା, କାହିଁକି ସ୍ୱାମୀ ବିବେକାନନ୍ଦ ଯୁବଶକ୍ତିର ଚିରନ୍ତନ ପ୍ରେରଣା, ବିଦ୍ରୋହ ୧୮୫୭, କାମସୂତ୍ର, ବନ୍ଧୁ, ପରମବୀର ଚକ୍ର ବିଜେତା ସୈତାନସିଂ, ସୋମନାଥ ଶର୍ମା, ବୀର ଅବ୍ଦୁଲ ହମ୍ମଦ ଆଦି ୩୦ ଖଣ୍ଡ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଛି । ତେବେ ମୋର ଅଧିକାଂଶ ସମୟ ବିଭିନ୍ନ ଉପାଦେୟ ପୁସ୍ତକ ପଢ଼ିବା ସହ ଲେଖାଲେଖିରେ ହିଁ କଟିଥାଏ। ଏହାଦ୍ୱାରା ମୋ ମନ ଭିତରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ। ଏସବୁବାଦ୍ ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ ମୁଁ ସମୟ ଦେଇଥାଏ। ଯାହା ମତେ ମାନସିକ ଶାନ୍ତି ଦେଇଥାଏ।

–ବନବିହାରୀ ବେହେରା











# ପଟେ ଚୁଡ଼ି

—ସତ୍ୟବତୀ ସ୍ୱାଇଁ

**ଦୀ**ର୍ଘ ଦିନ ପରେ ସୀତାଂଶୁ ଫେରି ଆସୁଥିଲା ମୋ କୋଳକୁ ଜଣେ ଡାକ୍ତର ହୋଇ। ଡିଭୋର୍ସ ଦେବା ଦିନ କହିଥିଲି ସୂର୍ଯ୍ୟଙ୍କୁ ମୁଁ ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ ହେବାକୁ ଯାଉଛି। ଲମ୍ପଟ ନିର୍ବୋଧ ସୂର୍ଯ୍ୟ କ'ଣ ବୁଝିଲେ କେଜାଣି କୋଟିପତି ଆର୍ ଏନ୍ ମିଶ୍ରଙ୍କୁ ମୁଁ କାଳେ ରୂପ ଜାଲରେ ପକାଉଛି ବୋଲି ଅଭିଯୋଗ କରିଥିଲେ। ସେତେବେଳେକୁ ମୁଁ ଏକମାସର ଗର୍ଭବତୀ ଥିଲି। ସୀତାଂଶୁ ସେଇ ସମ୍ପଦ ମୋର। ସୀତାଂଶୁ ଭାରି ଶାନ୍ତ,ସରଳ ଓ ସୁନ୍ଦର। ଦିବ୍ୟ ଭବନରେ ସେ ଯୋଡି ଦେଲା ତା' ଦିବ୍ୟ ଚିକିତ୍ସାଳୟ। ଦିନୁ ଦିନୁ ତା'ର ଖ୍ୟାତି ବଢୁଥିଲା। ଖୁସି ଲାଗୁଥିଲା ମୋ ତପସ୍ୟାର ପୁଣ୍ୟ ଫଳ ସୀତାଂଶୁ ତା' ବାପା ପରି ନୁହେଁ। ଖୁବ୍ ଚରିତ୍ରବାନ ହୃଦୟର ପିଲା।

ବାଉନ ପୂରୁଥିଲା ମୋତେ। ଦିବ୍ୟ ଚିକିତ୍ସାଳୟର ମାଲିକିଆଣୀ ଆସନରେ ପୁଅ ବସାଇଥିଲା। କିଛି ରୋଗୀଙ୍କୁ ଭେଟିବା ଓ ଦୁଃଖ ସୁଖ ହେବା ମୋର ରୁଟିନରେ ପରିଣତ ହୋଇ ଯାଇଥିଲା। ହଠାତ୍ ଦିନେ ପାଦ ଅଟକି ଗଲା ଏଗାର ନମ୍ବର ପେସେଣ୍ଟ ପାଖରେ। ନିରୀକ୍ଷଣ କଲି। ବେଡ୍‌ରେ ଓହଳିଥିବା କେସ୍ ହିଷ୍ଟ୍ରି ପେସେଣ୍ଟର ପଢ଼ିଲି। ଦୀର୍ଘ ଶ୍ୱାସଟିଏ ମୋତେ ଦୁର୍ବଳ କରିଦେଲା। ଅସୁସ୍ଥତା ଅନୁଭବ କଲି।

ଦୁଇ ତିନି ଦିନ ନିଜକୁ ଗୋଟିଏ ରୁମ୍‌ରେ ବନ୍ଦୀ କରି ରଖିଲି। କିଛି ବି ଭଲ ଲାଗୁ ନଥିଲା। ସକାଳୁ ସକାଳୁ ବୁଲି ଗଲି ଚିକିତ୍ସାଳୟ। ଆଶ୍ଚର୍ଯ୍ୟ ଏଗାର ନମ୍ବର ପେସେଣ୍ଟ ଧଳା ଚାଦର ଢଙ୍କା!

ନର୍ସ କହିଲେ ଅତ୍ୟଧିକ ମଦ୍ୟପାନ ଏବଂ ସିଗାରେଟ୍ ଟାଣିବା ଫଳରେ ଦୁଇଟି ଯାକ କିଡ୍‌ନୀ ଅକାମୀ ହୋଇଯାଇଥିଲା। କାଲି ରାତି ଚାରିଟାରେ ଏ ପେସେଣ୍ଟ ମରି ଯାଇଛନ୍ତି ମାମ୍।

ଓଃ .... ନିଃଶ୍ୱାସ ଛାତିର କନ୍ଦି ବିକନ୍ଦିରେ ପଶି ଯାଉଥିଲେ ମୋର। ହାତରେ ପିନ୍ଧିଥିବା ପଟେ ପଟେ ଚୁଡ଼ି ଉତାରି ଫିଙ୍ଗିଦେଲି ଏଗାର ନମ୍ବର ବେଡ୍ ଉପରେ।

—ବାଲିକୁଦା, ଜଗତ୍‌ସିଂହପୁର
ମୋ: ୯୩୩୭୦୩୫୬୮୬



# ପଦ୍ମଫୁଲ

—ସୁବ୍ରତ କୁମାର ସେନାପତି

**କି**ଛି ଲୁହଙ୍କ ଭାଗ୍ୟରେ
ଆଶ୍ୱାସନାର କୋମଳ ପାପୁଲି ନଥାଏ
ସେମାନେ ଟଳମଳ ହେଉଥାନ୍ତି
ଚିରକାଳ ଆଖିରେ,ଆତ୍ମାରେ, ଛାତିରେ।
ଏମିତି ଟଳମଳ ହେଉହେଉ
ସ୍ୱଚ୍ଛନ୍ଦରେ ତିଆରି ନିଅନ୍ତି
ଏକ ଅଦୃଶ୍ୟ ପାରାବାର,
ଏତେ କ୍ଷତ, ଜ୍ୱାଳାର ଲବଣାଂଶ ଭିତରେ
ଆଉ କି ଉଧେଇ ପାରେ ଆଶାର
ହର୍ଷୋନ୍ମୁଖୀ ପଦ୍ମଫୁଲ !

ତଥାପି ପଦ୍ମ କନ୍ଦ ଜିଇଁଥାଏ
ଏତେ ଲହୁରେ ଆଉ ଲୁହରେ
ଖୋଜୁଥାଏ ନିଜେ ନିଜରି ଭିତରେ
ପଦ୍ମରାଗ ମଣି
ମଲାଯାଏ ପଦ୍ମକାନ୍ତକୁ
ସୁମରି ସୁମରି।

—ଓୟୁଏଟି, ଭୁବନେଶ୍ୱର
ମୋ: ୭୯୭୮୧୬୮୧୯୩

# ପାଞ୍ଚୋଟି ଏକପଦୀ

— ଭରତ ଚନ୍ଦ୍ର ଦାଶ

**ପ୍ରୀ**ତି ପତ୍ର ପରେ ଲେଖାଅଛି କଳା
ଜୀବନ ଧାରଣ ସୂତ୍ର
ପ୍ରୀତି ତୋଳିପାରେ କଳା କୋଣାରକ
ପଢି ପ୍ରଣୟର ମନ୍ତ୍ର।

**ଦୁଇ**

ସହବାସ ମଧୁ ପ୍ରୀତି ପ୍ରାଣ ବିନ୍ଦୁ
ଜୀବନ ଜାହ୍ନବୀ ତୀରେ
ପ୍ରଣୟିନୀ ବିନା ପ୍ରଣୟ ବହିତ୍ର
ଭାସିବ କି ପ୍ରୀତି ନୀରେ।

**ତିନି**

ପ୍ରଣୟିନୀ ମୋର ପ୍ରୀତିସୁଧା ଝର
ଜୀବନ ରଜ୍ଜୁରେ ବନ୍ଧା
ସପନରେ ଆସେ ପ୍ରୀତି ରସ ରସେ
ରତି ଦାନେ ପ୍ରୀତିଗନ୍ଧା।

**ଚାରି**

ମୋ ହୃଦୟ କଥା ରଚେ ପ୍ରୀତି ଗାଥା
କାଳରେ ଅକ୍ଷୟ ସ୍ମୃତି
ପୀୟୂଷର ଝର ପ୍ରୀତିର ନିର୍ଝର
ଜୀବନର କଳା ଗୀତି।

**ପାଞ୍ଚ**

ନିଃସଙ୍ଗ ଜୀବନ ଜଳ ବିନା ମୀନ
ଜୀଇବା ଯାତନା କେତେ
ଦେଖିଯାଅ ସଖୀ ଶୁଷ୍କ ପ୍ରାଣ ପକ୍ଷୀ
ଝୁରୁଛି କେମିତି ଚିତ୍ତେ।

—ମାର୍କୋଣା, ବାଲେଶ୍ୱର—୭୫୬୧୨୬
ମୋ: ୯୪୩୭୩୭୨୧୬୬



# ସେହି ଦଶ ମିନିଟ୍

ବେଳେବେଳେ ଖୋଜିଲା ଚିଜ ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ଯାହାକୁ ନେଇ ସେ ଏତେ ଟେନସନରେ ଥିଲେ ତାହାର କେମିତି ଆଖି ପିଛୁଳାକେ ସମାଧାନ ହୋଇଗଲା। କଥା କ'ଣ କି ରଶ୍ମିକା ମନ୍ଦାନା ଏବେ ଏକ ଅନଟାଇଟଲଡ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କୁ ଷ୍ଟଣ୍ଟ ଶଟ୍ ଦେବାର ଥିଲା। ହେଲେ ଠିକ୍ ବେଳକୁ ସେ ଅଡୁଆରେ ପଡିଯାଇଥିଲେ। ସାଇନ୍ କରିବା ସମୟରେ ସିନା ଏଭଳି ଶଟ୍ ପାଇଁ ହଁ ଭରିଥିଲେ, ହେଲେ କ୍ୟାମେରା ସାମ୍ନା କରିବା ବେଳେ ସେଥିପାଇଁ ସାହସ ଜୁଟାଇ ପାରି ନ ଥିଲେ। ତାଙ୍କର ଏଭଳି ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ ନିର୍ଦ୍ଦେଶକ ବିକାଶ ବହଲ। କିଛି ସମୟ ଶୁଟିଂ ବନ୍ଦ କରି ସେ ରଶ୍ମିକାଙ୍କୁ ପୁଣି ଥରେ ଶଟ୍ ବିଷୟରେ ବୁଝାଇଲେ। ତା'ପରେ ସେ ଶଟ୍ ଦେବାକୁ ପ୍ରସ୍ତୁତ ହୋଇଥିଲେ। ଏ ନେଇ ରଶ୍ମିକା କହନ୍ତି, 'ଯେତେବେଳେ ଏହି ଫିଲ୍ମ ମୁଁ ସାଇନ୍ କଲି ସେତେବେଳେ ମୁଁ ଜାଣିଥିଲି ଯେ ମୋତେ ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ। ହେଲେ ଯେତେବେଳେ ଶୁଟିଂ ଆରମ୍ଭ ହେଲା ମୁଁ ଟିକେ ଅଡୁଆରେ ପଡିଯାଇଥିଲି। ଠିକ୍ ସେତିକି ବେଳକୁ ନିର୍ଦ୍ଦେଶକ ମୋତେ ମାତ୍ର ୧୦ ମିନିଟ୍ ଭିତରେ ସେ ବିଷୟରେ ଭଲ ଭାବରେ ବୁଝାଇ ଦେଲେ। ଆଉ ତା'ପରେ ମୋତେ ଲାଗିଲା ସତେ ଯେମିତି ମୁଁ ଏଥିପାଇଁ ମାନସିକ ସ୍ତରରେ ଶତ ପ୍ରତିଶତ ପ୍ରସ୍ତୁତ ଅଛି।' ରଶ୍ମିକା ବିକାଶଙ୍କ ନିର୍ଦ୍ଦେଶନାରେ 'ଗୁଡବାୟ' ଚଳଚ୍ଚିତ୍ରରେ ବି ଅଭିନୟ କରିଛନ୍ତି। ଯାହା ରିଲିଜ ଅପେକ୍ଷାରେ ଅଛି।


ରଶ୍ମିକା


ସେୟାମି

# ଅନୁରାଗଙ୍କ ପ୍ରଶଂସାରେ ସେୟାମି

ସେୟାମି ଖେରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୬ରୁ ଆଉ ଫିଲ୍ମଟି ଥିଲା ରାକେଶ ଓମପ୍ରକାଶ ମେହେରାଙ୍କ 'ମିର୍ଯ୍ୟା'। ପ୍ରଥମ ସିନେମାରୁ ହିଁ ତାଙ୍କ ଅଭିନୟ ଦକ୍ଷତା ଜଣାପଡିଥିଲା। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ କେତୋଟି ପୁରସ୍କାର ମିଳିଥିଲା। କିନ୍ତୁ ଅନୁରାଗ କଶ୍ୟପଙ୍କ 'ଚୋକ୍‌ଡ' ତାଙ୍କ ଅଭିନୟ କ୍ୟାରିୟରରେ ନୂଆ ମୋଡ ଆଣିଥିଲା। ପୁଣି ଏମିତି ସଂଯୋଗ ଏବେ ସେ ପୁଣି ଥରେ ଅନୁରାଗଙ୍କ କ୍ୟାମ୍ପରେ ସାମିଲ ହୋଇଛନ୍ତି। ଏ ନେଇ ସେୟାମି କହନ୍ତି, 'ଯେତେବେଳେ ଅନୁରାଗ ସାର୍ ମୋତେ ଏ ନେଇ ଜଣାଇଲେ ସେତେବେଳେ ମୋର ଖୁସିର ସୀମା ରହି ନ ଥିଲା। ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଶୁଟିଂ ହାଇଦ୍ରାବାଦରେ ଚାଲୁ ରହିଛି। ଏଥିରେ ମୋତେ ଏପରି ଏକ ଭୂମିକା ମିଳିଛି ଯାହାର ସଫଳତାକୁ ନେଇ ମୁଁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲିଣି। ତେବେ ଏସବୁର ଶ୍ରେୟ ଯିବ ଅନୁରାଗଙ୍କୁ।' ଅନୁରାଗ ଏହି ସିନେମାର କେବଳ ନିର୍ଦ୍ଦେଶନା ଦେଉନାହାନ୍ତି, ତାହାର ପ୍ରଯୋଜନା ମଧ୍ୟ କରୁଛନ୍ତି। ଏହାବ୍ୟତୀତ ରାହୁଲ ଢ଼ୋଲକିଆଙ୍କ ଆଗାମୀ ଫିଲ୍ମ 'ଅଗ୍ନି'ରେ ମଧ୍ୟ ସେ ଅଭିନୟ କରିବେ। ଅନ୍ୟପକ୍ଷରେ ଆର. ବାଲ୍‌କିଙ୍କ ଦୁଇଟି ପ୍ରୋଜେକ୍ଟରେ ସେ ଅଭିଷେକ ବଚ୍ଚନଙ୍କ ନାୟିକା ସାଜିଛନ୍ତି।

# ୱେବ୍ ସିରିଜ ଭରସା



ସୋହା

ସୋହା ଅଲ୍ଲୀ ଖାଁ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ନିଜ କ୍ୟାରିୟରକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ସେସବୁ ସଫଳ ହେଲା ନାହିଁ। ନାୟିକା ଦୌଡରେ ସେ କେତେ ପଛରେ ପଡିଯାଇଛନ୍ତି ତାହା ହିସାବ କରିବା ହିଁ ବୋକାମି ହେବ। ତେବେ ନିଜ ଅଭିନୟ ପ୍ରତିଭାର ପରିଚୟ ଦେବାକୁ ସେ ପଶ୍ଚାତପଦ ହୋଇନାହାନ୍ତି। ହିନ୍ଦି ସିନେମାରେ ସେ ସିନା ଅସଫଳ ହେଲେ ବର୍ତ୍ତମାନ ସେ ଗୋଟିଏ ଜିନିଷକୁ ଭରସା କରିଛନ୍ତି। ତାହା ହେଲା ୱେବ୍ ସିରିଜ୍। ସେ ଏଥିରେ ଯେ କେବଳ ଅଭିନୟ କରିବେ ତା' ନୁହେଁ, କେତୋଟି ୱେବ୍ ସିରିଜ ପ୍ରଯୋଜନା କରିବାକୁ ମାଇଣ୍ଡ ମେକଅପ କରିସାରିଲେଣି। ଏ ସମ୍ପର୍କରେ ସୋହା କହନ୍ତି, 'ବଲିଉଡ୍‌ରେ ନିଜକୁ ନାୟିକା ଭାବରେ ପରିଚିତ କରିବାକୁ ଆଶା ରଖିଥିଲି, ହେଲେ ତାହା ତ ସଫଳ ହେଲା ନାହିଁ, କିନ୍ତୁ ଏବେ ୱେବ୍ ସିରିଜରେ ଅଭିନୟ କରିବାକୁ ଯାଉଛି। ତା'ସହ ଏଭଳି କେତୋଟି କାହାଣୀ ଖୋଜି ପାଇଛି, ଯାହାକୁ ନେଇ ଭଲ ଭଲ ୱେବ୍ ସିରିଜ୍ ନିର୍ମାଣ କରାଯାଇପାରିବ। ଏପରି ସିରିଜ ପ୍ରଯୋଜନା କରିବାର ଯୋଜନା ମଧ୍ୟ ରହିଛି।' ତେବେ ୱେବ ସିରିଜ୍‌ରେ ସୋହା କି କମାଲ କରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।


ୟାମି

# ମାପି ଚୁପି ଚାଲିବେ ୟାମି

ୟାମି ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ସିନେମାଟିଏ ସାଇନ୍ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବେ। କାରଣ ଏଣ୍ଡୁତେଣ୍ଡୁ ଗୁଡାଏ ଫିଲ୍ମରେ ଅଭିନୟ କରିବା ଚକ୍କରରେ ନାହାନ୍ତି ସେ। ବର୍ଷକୁ ୨-୩ଟି ସିନେମା ହେଉ ପଛେ ତାହା ଦର୍ଶକଙ୍କୁ ପ୍ରଭାବିତ କରିବା ଦରକାର ବୋଲି କହି ବୁଲୁଛନ୍ତି ୟାମି। ସେପଟେ ସେ ଆଉ ଏକ ନିଷ୍ପତି ମଧ୍ୟ ନେଇଛନ୍ତି। ପ୍ରତିଟି ଫିଲ୍ମ ପାଇଁ ସେ ପାଉଥିବା ପାରିଶ୍ରମିକର କିଛି ଅଂଶ ସେ ଦିବ୍ୟାଙ୍ଗଙ୍କ ପାଇଁ ଖର୍ଚ୍ଚ କରିବେ। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏପରି ନିଷ୍ପତ୍ତି ସମ୍ପର୍କରେ ୟାମି କହନ୍ତି, ''ନିକଟରେ ମୋର ଜଣେ ସାଙ୍ଗଙ୍କ ସହ ଏ ବିଷୟରେ ଆଲୋଚନା କରୁଥିଲି। ସେତେବେଳେ ସେ ମୋତେ ଏଭଳି ସଜେସନ୍ ଦେଇଥିଲେ। ଏ ନେଇ ପ୍ରାୟ ଗୋଟିଏ ସପ୍ତାହ ମୁଁ ଭଲ ଭାବରେ ଚିନ୍ତା କରିବା ପରେ ଏ କ୍ଷେତ୍ରରେ ପାଦ ଦେଇଛି। ମୁଁ ପ୍ରତିଟି ଫିଲ୍ମରୁ ପାଉଥିବା ପାରିଶ୍ରମିକରୁ କିଛି ଅଂଶ ଦିବ୍ୟାଙ୍ଗମାନଙ୍କ ପାଇଁ ଖର୍ଚ୍ଚ କରିବି।' ନିକଟରେ ଶୁଟିଂ ଶେଷ ହୋଇଥିବା ହିନ୍ଦୀ ସିନେମା 'ଲଷ୍ଟ'ରେ ତାଙ୍କୁ ମିଳିଥିବା ଭୂମିକାଟି ହେଲା ଶିଖା ଶର୍ମା। ଅନ୍ୟପକ୍ଷରେ ନୂଆ ସିନେମା 'ଓ ମାଇଁ ଗଡ୍-୨'ରେ ମଧ୍ୟ ୟାମିଙ୍କୁ ଦେଖିବାକୁ ମିଳିବ।


ସୈଫ

# ବଦଳିଗଲା ଭାଗ୍ୟ

ଥରେ ମନେ ପକାନ୍ତୁ ନା ହିଟ୍ ସିନେମା 'ଦିଲ୍ ଚାହତା ହୈ'କୁ। ଏହି ଫିଲ୍ମଟି ସୈଫଙ୍କ ଆକ୍ଟିଂ କ୍ୟାରିୟରକୁ ନୂଆ ମୋଡ ଦେଇଥିଲା। କିନ୍ତୁ ଏହାର କାଷ୍ଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଆମୀର ଖାଁଙ୍କୁ ମୁଖ୍ୟ ଭୂମିକା ପାଇଁ ଚୟନ କରାଯିବା ପରେ ପ୍ରଯୋଜକ ରିତେଶ ସିଦ୍ଧୱାନୀ ଏବଂ ନିର୍ଦ୍ଦେଶକ ଫରହାନ୍ ଅଖତର ଏହାର ସେକେଣ୍ଡ ଲିଡ୍ ପାଇଁ ପ୍ରଥମେ ହ୍ରିତିକ ରୋଶନଙ୍କୁ ଅଫର ଦେଇଥିଲେ। କିନ୍ତୁ କେତେକ କାରଣରୁ ହ୍ରିତିକ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଏହାପରେ ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ତାଙ୍କ ସ୍ଥାନରେ ସୈଫ ଅଲ୍ଲୀ ଖାଁଙ୍କୁ ସାଇନ୍ କରାଇବାକୁ ସ୍ଥିର କରିଥିଲେ। ପୁଣି ଏପରି ଅଫରଟିକୁ ସେ ମଧ୍ୟ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଫିଲ୍ମଟି ସୈଫଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ସଂଯୋଗ ବଶତଃ ବର୍ତ୍ତମାନ ସୈଫ ଏବଂ ହ୍ରିତିକ ଗୋଟିଏ ସିନେମା 'ବିକ୍ରମ ୱେଧା'ରେ ଅଭିନୟ କରୁଛନ୍ତି। ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ଏବଂ ଜଣେ ଗ୍ୟାଙ୍ଗଷ୍ଟର ମଧ୍ୟରେ ଘଟିଥିବା ଘଟଣାକୁ ନେଇ ଏହା ପ୍ରସ୍ତୁତ ହେଉଛି। ଗାୟତ୍ରୀ-ପୁଷ୍କରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମାରେ ରାଧିକା ଆପ୍ତେ ମଧ୍ୟ ଅଭିନୟ କରୁଛନ୍ତି।

# ନୂଆ ଅବତାର

ଅଭିନେତା ସମ୍ବିତଙ୍କୁ ଦର୍ଶକ ଖୁବ୍ ଶୀଘ୍ର ଏକ ନୂଆ ଅବତାରରେ ଦେଖିବାକୁ ପାଇବେ। ଫିଲ୍ମଟି ହେଲା 'ଓମ୍ ଶ୍ରୀ ପ୍ରଜାପତୟେ ନମଃ'। ଏହାର ଶୁଟିଂ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଓମ୍ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶୁଭଲକ୍ଷ୍ମୀ ପଟ୍ଟନାୟକ। ଉମେଶ ପଟ୍ଟନାୟକଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ସୁନୀଲ। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବୈଦନାଥ ଦାଶ। ସମ୍ବିତଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି 'ଆସ୍ତିକ ନାସ୍ତିକ'ର ନାୟିକା କୁକିଜ୍। ଏମାନଙ୍କ ବ୍ୟତୀତ ଅସୀତ ପତି, ପିଣ୍ଟୁ ନନ୍ଦ, ରାଜୀବ ମହାନ୍ତି, ତୃପ୍ତି ସିହ୍ନା, ଲୋପାମୁଦ୍ରା ଏବଂ ତାପସ ପାଢ଼ୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହାର ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୀବ ଦ୍ୱିବେଦୀ। ଏହା ପୂର୍ବରୁ ସଞ୍ଜୀବ ଓଡ଼ିଆ ସିନେମା 'ସାଥୀ ତୁ ସାତ ଜନମର' ବ୍ୟତୀତ ୨୦ଟି ସାନ୍ତାଳୀ ଏବଂ ଭୋଜପୁରୀ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି।


ସମ୍ବିତ୍-କୁକିଜ୍

# କଳାପାହାଡ

କଳାପାହାଡର କଳା କର୍ମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ସେଗୁଡିକୁ ଲେଉଟାଇଲେ କଳାପାହାଡର ଛାତିଥରା କାର୍ଯ୍ୟ ଆଖି ସାମନାକୁ ଆସିଥାଏ। କୃର ପ୍ରକୃତିର ବଶବର୍ତ୍ତୀ ହୋଇ ସେ କେତେ ମନ୍ଦିରକୁ ଛାରଖାର କରିଦେଇଛି ତାହାର ହିସାବ ନାହିଁ। ଏଭଳି ବ୍ୟକ୍ତିଙ୍କର ଜୀବନୀକୁ ନେଇ ନିର୍ମିତ ହେଉଛି ଓଡ଼ିଆ ସିନେମା 'କଳାପାହାଡ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଚନ୍ଦନ କର। ଏହି ଭୂମିକା ପାଇଁ ତାଙ୍କୁ ଲଣ୍ଡା ହେବାକୁ ପଡିଛି ଏବଂ ତା'ସହ ଦାଢ଼ି ମଧ୍ୟ ବଢ଼ାଇଛନ୍ତି। ଏସଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଉକ୍ତ ଫିଲ୍ମର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରତ୍ତୋଳନ ସହ ପ୍ରଯୋଜନା କରିଛନ୍ତି ପ୍ରଦୀପ ସାହୁ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବି. ଶ୍ରୀବତ୍ସ। ଫିଲ୍ମର କ୍ରିଏଟିଭ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା। ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



ପ୍ରଥମ ରୋଜଗାର

ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମା ଟଙ୍କାରେ ଘରର କବାଟ ତିଆରି ହୋଇଥିଲା

ଆମ ଘରର କବାଟ ଥିଲା ଖୁବ୍ ଛୋଟ ଛୋଟ। ବାପାଙ୍କ ପରି ଓ ମୋ ପରି ଡେଙ୍ଗା ଲୋକମାନଙ୍କର ସେଥିରେ କେତେଥର ଯେ ମୁଣ୍ଡବାଜି ଫୁଲି ନଯାଇ ଥିବ ତାର ହିସାବ କରିହେବ ନାହିଁ। ଆଜିକାଲିର ଝରକା ଗୁଡ଼ିକର ଉଚ୍ଚତା ଯାହା ଆମ ବାଡ଼ିପାଖ କବାଟର ଉଚ୍ଚତା ପ୍ରାୟ ସେଇୟା ହିଁ ଥିଲା। ଦାଣ୍ଡ ପଟ କବାଟର ଉଚ୍ଚତା ଆଉ ଏକ ଫୁଟ୍ ଉଚ୍ଚ ହେବ, ମାତ୍ର ମୁଣ୍ଡ ନ ନୁଆଁଇ ଘର ଭିତରକୁ କେହି ଯାଇପାରିବେ ନାହିଁ। ଉଭୟ କବାଟ ତାଳ ପଟାରେ ତିଆରି ହୋଇଥିଲା। ଚୋର କୁଆଡ଼େ ତାଳ ପଟାରେ ନିର୍ମିତ କବାଟକୁ ଖୋଲିପାରିବେ ନାହିଁ। କବାଟ ଛୋଟ ଛୋଟ କରିବାର ଅର୍ଥ ଥିଲା ଘରକୁ ପଶିବାକୁ ହେଲେ ପ୍ରଥମେ ମୁଣ୍ଡକୁ ନୁଆଁଇବାକୁ ପଡ଼ିବ। କଲେଜରେ ପଢ଼ିବା କାଳରୁ ଏ ଦୁଇଟିଯାକ କବାଟ ପ୍ରତି ମୋର ରାଗ ଥିଲା। ଭାବିଥିଲି, ଚାକିରୀ କରିବା କ୍ଷଣି ଏ ଦୁଇଟିଯାକ କବାଟକୁ ମୁଁ ବଦଳାଇଦେବି। ମୁଁ ଶାନ୍ତିନିକେତନରେ ସ୍ନାତକୋତ୍ତର କଲାବେଳେ ଆମ ଗାଆଁରେ ନୂଆ କରି ଗୋଟେ କଲେଜ ଖୋଲା ହୋଇଥିଲା। ଶାନ୍ତିନିକେତନରୁ ପାସ୍ କରି ଆସିବା କ୍ଷଣି ସେ କଲେଜରେ ମୋ ଉପରେ ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ କରାଗଲା। ମାସକୁ କିଛି କିଛି ଅର୍ଥ ଦେବାର ମଧ୍ୟ ବ୍ୟବସ୍ଥା କରାଗଲା। ବୋଧ ହୁଏ ପ୍ରତିମାସ ଆମର ଦରମା ଥିଲା ଦୁଇଶହ ଟଙ୍କା। ସେ ଅର୍ଥ ନିୟମିତ ଭାବରେ ମିଳୁ ନଥିଲା। ମାସର ମଝାମଝିରୁ ମୁଁ ଯୋଗଦେଇଥିବାରୁ ପ୍ରଥମ ମାସ ମୋତେ ଶହେ ଟଙ୍କା ମିଳିଥିଲା। ଟଙ୍କା ନେଇ ଘରକୁ ଫେରିବା ବେଳକୁ ଦୋକାନରୁ ମନ ଇଚ୍ଛା ପିଆଜିବରା କିଣି ନେଇ ଆସିଥିଲି। ମୋର ପ୍ରଥମ ଦରମା ପିଆଜି ଭୋଜିରେ ହିଁ ଶେଷ ହୋଇଯାଇଥିଲା। ଆମ ଘରର କବାଟକୁ ଦେଖି ମୁଁ ଦୀର୍ଘ ନିଃଶ୍ୱାସ ତ୍ୟାଗ କରିଥିଲି। ଅନିୟମିତ ଭାବରେ ପାଉଥିବା ଦୁଇଶହ ଟଙ୍କା ଦରମାରେ ମୁଁ କ'ଣ ଘରର କବାଟକୁ ବଦଳାଇ ଦେଇପାରିବି ? କୌଣସି କାରଣରୁ କଲେଜ ଆଉ ବେଶୀଦିନ ଚାଲିପାରିଲା ନାହିଁ। କିଛିଦିନ ଘରେ ବସିବା ପରେ ବାଲେଶ୍ୱର ଚାଲି ଆସି ଗୋଟେ ନୂଆ ଖୋଲିଥିବା ହାଇସ୍କୁଲରେ ଯୋଗଦାନ କଲି। ସେଠାରେ ମାସକୁ ଦରମା ମିଳିଲା ଅଢ଼େଇଶହ ଟଙ୍କା। ଯେଉଁ ଘରଟି ଭଡ଼ାରେ ନେଇଥିଲି ଭଡ଼ା ବାବଦକୁ ମୋତେ ପନ୍ଦର ଟଙ୍କା ଶୁଝିବାକୁ ପଡୁଥିଲା। ଖାଇବା ଖର୍ଚ୍ଚ ଗଲା ପରେ ମାସକୁ ଆଉ କିଛି ଟଙ୍କା ମଧ୍ୟ ବଳୁଥିଲା। ସେତେବେଳେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏମ୍.ଫିଲ. କରିବା ପାଇଁ ନାମ ଲେଖାଇଥିଲି। ବ୍ରହ୍ମପୁରକୁ ଯିବା ଆସିବା ଓ ପଢ଼ା ଖର୍ଚ୍ଚରେ ମୁଁ ପାଉଥିବା ଦରମାରୁ ଅବଶିଷ୍ଟ ଥିବା ଟଙ୍କା ଖର୍ଚ୍ଚ ହୋଇଯାଉଥିଲା। ଶନିବାର, ରବିବାର ଘରକୁ ଗଲେ ମୋତେ ସେହିପରି ମୁଣ୍ଡ ନୁଆଁଇ ଘର ଭିତରକୁ ପଶିବାକୁ ପଡୁଥିଲା। କିଛିଦିନ ପରେ ବ୍ୟାଙ୍କରେ ଚାକିରୀ ପାଇବାରୁ ମୋତେ ହାଇସ୍କୁଲ ଛାଡ଼ିବାକୁ ପଡ଼ିଲା। ଷ୍ଟେଟ୍ ବ୍ୟାଙ୍କରେ ଆଞ୍ଚଳିକ ପ୍ରବନ୍ଧକ ଯିଏ ଥାଆନ୍ତି ସେ ଥିଲେ ଜଣେ ସାହିତ୍ୟିକ। ମୋର ସେତେବେଳକୁ ତିନିଖଣ୍ଡ ବହି ପ୍ରକାଶିତ ହୋଇସାରିଲାଣି। ଇଣ୍ଟରଭ୍ୟୁ ବୋର୍ଡ଼ରେ ମୁଁ ତାଙ୍କୁ ତିନିଖଣ୍ଡ ଯାକ ବହି ଉପହାର ସ୍ୱରୂପ ଦେଇଥିଲି। ତାଙ୍କ ସୁଦୟାରୁ ମୁଁ ଆମ ଗାଁ ବ୍ୟାଙ୍କରେ ପ୍ରଥମେ ଯୋଗଦେଇଥିଲି। ପ୍ରଥମ ମାସରେ ସାତଶହ ଚାଳିଶି ଟଙ୍କା ଦରମା ପାଇଥିଲି। ସେତେବେଳେ ସାତଶହ ଚାଳିଶି ଟଙ୍କା ପାଉଥିବା ବ୍ୟକ୍ତି ବଡ଼ ଆୟକାରୀ ଭାବରେ ଗଣାଯାଉଥିଲେ। ପ୍ରଥମ ମାସର ଦରମା ପାଇବା ପରେ ମୁଁ ବଢ଼େଇ ନିକଟରେ ପହଞ୍ଚିଥିଲି। ନିମ କାଠର ବନ୍ଧ ଓ ଶାଳ କାଠର ପଟାରେ ଏମିତି କବାଟ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲି ; ଯେଉଁଥିରେ ଘର ଭିତରକୁ ପଶିବା ବେଳେ ମୁଣ୍ଡ ଉପରେ ଆହୁରି ଛଅ ଇଞ୍ଚ ଯାଗା ଯେମିତି ଖାଲି ରହୁଥିବ। ସେ ଘର ଭାଙ୍ଗିଯାଇ ତା' ଉପରେ ଆଜି ପକ୍କା ଘର ହୋଇଗଲାଣି। ସେ କବାଟ ବି ପରିବର୍ତ୍ତିତ ହୋଇଗଲାଣି ଅନ୍ୟ କବାଟରେ। ମାତ୍ର ମୋର ପ୍ରଥମ ଦରମାରେ ନିର୍ମିତ କବାଟ ମୋ ସ୍ମୃତିରେ ଆଜି ପର୍ଯ୍ୟନ୍ତ ଉଜ୍ଜୀବିତ ହୋଇ ରହିଛି।

'ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି ତେବେ ବିଳମ୍ବ କରୁଛନ୍ତି କିଆଁ ? କାରଣ 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି !''

# ମନମୋହିନୀ ସୁନାହରିଣୀ, ଚାହାଣି କହୁଛି ପ୍ରେମ କାହାଣୀ

ସାଥୀ

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ତା'ପରେ ମୋ ମନ କୁତୁକୁତୁ ଲାଗୁଛି। ଏପରି ଲାଗୁଛି ସତେ ଯେମିତି ମୁଁ ତା' ପ୍ରେମରେ ପଡ଼ିଯାଇଛି। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ରମଣ କୁମାର, ବଡବିଲ*

**ଉତ୍ତର** : ପ୍ରେମ ଏଭଳି ନିଶା ଯାହା ଥରେ ଘାରିଲେ ତାହା ସହଜରେ ତଳ ମୁହାଁ ହୋଇ ନ ଥାଏ। କାରଣ 'ମନମୋହିନୀ ସୁନାହରିଣୀ, ଚାହାଣି କହୁଛି ପ୍ରେମ କାହାଣୀ'। ତେଣୁ ଏହି ସମୟରେ ବେଶ୍ ସତର୍କତାର ସହ ପାଦ ପକାଇବାକୁ ହୋଇଥାଏ। ନ ହେଲେ ମନ ଆପଣଙ୍କୁ ଏପରି ରାସ୍ତାରେ ନେଇଯାଏ, ଯାହାଠାରୁ ପ୍ରେମ ଅନେକ ଦୂରରେ ରହିଯାଏ। ତେଣୁ ତରବର ନ ହୋଇ ଦେଖିଚାହିଁ ଆଗାନ୍ତୁ। ସେ ସୁନ୍ଦରୀ ପ୍ରେମରେ ବାଇଆ ହୋଇଛନ୍ତି ସତ, ହେଲେ ତାହାର ଠିକଣା ଜାଣିଛନ୍ତି କି ? ଯଦି ହଁ, ତେବେ ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ ଯେମିତି ଏକାଥରେ ସେ କ୍ଲିନ୍ ବୋଲ୍ଡ ହୋଇଯିବ। ଆଉ ତା'ପରେ ଖାଲି ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି !

**ପ୍ରଶ୍ନ**–ତା' ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି। ସେହି ଲାଜରେ କ'ଣ ପ୍ରେମ ଲୁଚି ରହିଛି ?

*–ପ୍ରଦୀପ କୁମାର ରାଉତ, କଟକ*

**ଉତ୍ତର** : ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି, ତେବେ ବିଳମ୍ବ କରୁଛନ୍ତି କିଆଁ ? କାରଣ 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ! ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମିକା ମୋତେ ଧୋକା ଦେଇ ଚାଲିଗଲା। ଯା' ଭିତରେ ମୁଁ ୩-୪ ଜଣ ଝିଅଙ୍କୁ ପ୍ରପୋଜ କରିସାରିଲିଣି। ହେଲେ ସେପଟୁ କିଛି ଉତ୍ତର ମିଳୁନାହିଁ। କ'ଣ କରିବି ?

*–ଜଗନ ନାୟକ, ଖୋର୍ଦ୍ଧା*

**ଉତ୍ତର** : ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ତ ପର କରି ଚାଲିଗଲା। ଏବେ ସେ ବିଷୟରେ ଭାବିଲେ କ'ଣ ହେବ ? ପୁରୁଣା ଘା'କୁ ଉଖୁରାଇଲେ କେବଳ ଯନ୍ତ୍ରଣା ହୁଏ ସିନା ମନକୁ ଶାନ୍ତି ମିଳେନା। ପ୍ରଥମ ପ୍ରେମରେ ଅସଫଳ ହେବା ପରେ ଉଲ୍ଲେଖ କରିଛନ୍ତି ଯେ, ଆହୁରି ୩-୪ ଜଣଙ୍କୁ ପ୍ରପୋଜ କରିଥିଲେ। ହେଲେ ସେପଟୁ କିଛି ଉତ୍ତର ମିଳିଲା ନାହିଁ। ହୁଏତ ସେହି ପ୍ରେମ ଧୀରେ ଧୀରେ ମଉଳି ଗଲାଣି। ପ୍ରପୋଜ କରିବା ପୂର୍ବରୁ ପାଣିପାଗ ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ। ଯଦି ସବୁକିଛି ଠିକ୍ ଅଛି ତେବେ ଆଗେଇଲେ ହୁଏତ ଆପଣଙ୍କ ମିଶନ ସକସେସ୍ ହୋଇପାରେ। ନ ହେଲେ କଥାଟି କେବଳ ଅନ୍ଧାରେ ବାଡି ବୁଲାଇବା ପରି ହେବ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡ଼ି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?


*–ସତୀଶ କୁମାର ସାହୁ, ବ୍ରହ୍ମପୁର*

**ଉତ୍ତର** : କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରିବେ ଭଲ !





# ଚେହେରା ଅନୁଯାୟୀ ବିନ୍ଦି






ବିନ୍ଦି! ନାରୀଙ୍କୁ ଦେଇଥାଏ ଏକ ଆକର୍ଷଣୀୟ ଲୁକ୍। ପାରମ୍ପରିକ ପୋଷାକରେ ତ ଏହା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ।

ତେବେ ବିଭିନ୍ନ ପ୍ରକାରର ବିନ୍ଦି ଦେଖିବାକୁ ମିଳୁଥିବା ବେଳେ ସବୁପ୍ରକାରର ବିନ୍ଦି କିନ୍ତୁ ସମସ୍ତଙ୍କ ଚେହେରାକୁ ମାନି ନ ଥାଏ। ତେଣୁ କେଉଁ ଚେହେରା ପାଇଁ କେଉଁ ବିନ୍ଦି ପରଫେକ୍ଟ ହୋଇଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

* **ଗୋଲାକାର ଚେହେରା:** ଯେଉଁ ନାରୀଙ୍କର ଗୋଲ ମୁହଁ ବା ଗୋଲାକାର ଚେହେରା ଥାଏ, ସେମାନେ ମଥାରେ କେବେ ବି ଗୋଲ ବିନ୍ଦି ଲଗାଇବା ଠିକ୍ ନୁହେଁ। କାରଣ ଗୋଲ ବିନ୍ଦି ସେମାନଙ୍କ ମୁହଁକୁ ଆହୁରି ଗୋଲ ଏବଂ ଛୋଟ କରି ଦେଇଥାଏ। ସେଥିପାଇଁ ସେମାନେ ଟିକେ ଲମ୍ବା ବାଲା ବିନ୍ଦି ପିନ୍ଧିବା ଆବଶ୍ୟକ।
* **ଅଣ୍ଡାକୃତି ଚେହେରା:** ଏଭଳି ଚେହେରା ଥିବା ନାରୀ ଯେ କୌଣସି ଷ୍ଟାଇଲ୍‌ର ବିନ୍ଦି ପିନ୍ଧିପାରିବେ। କିନ୍ତୁ ବେଶୀ ଲମ୍ବା ବିନ୍ଦି ଏମାନଙ୍କୁ ସେତେ ଭଲ ମାନେନାହିଁ। ତା'ଛଡ଼ା ପିନ୍ଧୁଥିବା ଲିପ୍‌ଷ୍ଟିକ୍‌ର କଲର୍‌କୁ ମ୍ୟାଚିଂ କରି ବିନ୍ଦି ପିନ୍ଧିଲେ ଏମାନଙ୍କ ଚେହେରା ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।
* **ସ୍କୋୟାର୍ ଚେହେରା:** ଏହି ଚେହେରା ଥିବା ନାରୀମାନଙ୍କୁ ଗୋଲ ବିନ୍ଦି ଅଥବା ଭି ଶେପ୍‌ର ବିନ୍ଦି ବେଶ୍ ଭଲ ମାନିଥାଏ।
* **ବଡ଼ ଚେହେରା:** ଯେଉଁ ନାରୀଙ୍କର ମୁହଁ ଗୋଲାକାର ହେବା ସଙ୍ଗେସଙ୍ଗେ ଟିକେ ବଡ଼ ଦେଖାଯାଉଥିବ, ସେମାନେ ଟିକେ ବଡ଼ ସାଇଜ୍‌ର ଗୋଲ ବିନ୍ଦି ମଥାରେ ଲଗାଇଲେ ଲୁକ୍ ବେଶ୍ ସୁନ୍ଦର ଲାଗିଥାଏ।
* **ଛୋଟ ମଥା ଥିବା ଚେହେରା:** ଛୋଟ ମଥା ଥିବା ଚେହେରାକୁ ତ୍ରିକୋଣ ଆକୃତିର ଚେହେରା ବୋଲି ବି କୁହାଯାଇଥାଏ। ତେବେ ଏହି ଟାଇପ୍‌ର ଚେହେରାକୁ ଯେ କୌଣସି ଷ୍ଟାଇଲ୍‌ର ବିନ୍ଦି ପିନ୍ଧିଲେ ବେଶ୍ ଭଲ ମାନିଥାଏ।
* **ହାର୍ଟ ଶେପ୍ ଚେହେରା:** ଏହି ଚେହେରାକୁ ଛୋଟ ବିନ୍ଦି ବେଶ୍ ଭଲ ମାନିଥାଏ। କାରଣ ଏହି ଟାଇପ୍‌ର ଚେହେରା ଥିବା ନାରୀଙ୍କର ମଥା ଟିକେ ବଡ଼ ରହିଥାଏ।





### ଅବସର ଅନୁସାରେ ବିନ୍ଦି ଚୟନ


- ଯଦି ଆପଣ ଅଫିସ୍‌କୁ ଶାଢି ପିନ୍ଧିକି ଯାଉଛନ୍ତି, ତା'ହେଲେ ହାଲ୍‌କା ମେକ୍‌ଅପ୍ ସାଙ୍ଗକୁ ମଥାରେ ଗୋଟିଏ ଛୋଟ ବିନ୍ଦି ଲଗାଇଲେ ପ୍ରୋଫେଶନାଲ୍ ଲୁକ୍ ମିଳିଥାଏ।
- ପାର୍ଟି, ଫଙ୍କସନ୍‌କୁ ଯଦି ଆପଣ କିଛି ସିମ୍ପଲ୍ ଆଉଟ୍‌ଫିଟ୍ ପିନ୍ଧି ଯିବାକୁ ଯୋଜନା କରିଛନ୍ତି, ତା'ହେଲେ ସେ କ୍ଷେତ୍ରରେ ମଥାରେ ଭର୍ଟିକାଲ୍ ଶେପ୍‌ର ବିନ୍ଦି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିବ।
- କିନ୍ତୁ ହେଭି ୱାର୍କ ହୋଇଥିବା ଆଉଟ୍‌ଫିଟ୍ ସାଙ୍ଗକୁ ମଥାରେ ଛୋଟ ଏକ ସିମ୍ପଲ ବିନ୍ଦିଟିଏ ପିନ୍ଧିଲେ ବି ଲୁକ୍ ଖୁବ୍ ସୁନ୍ଦର ଲାଗିଥାଏ।
- ବାହାଘର ଭଳି ଫଙ୍କସନ୍‌ରେ ଆପଣ ଚାହିଁଲେ ଟିକେ ବଡ଼ ସାଇଜ୍‌ର ଡିଜାଇନ୍‌ର ବିନ୍ଦି ପିନ୍ଧି ନିଜକୁ ସଜାଇ ପାରିବେ।

### ଜରୁରୀ ସୂଚନା

- ସବୁବେଳେ ଭଲ କମ୍ପାନୀର ବିନ୍ଦି ଲଗାଇବା ଉଚିତ୍। କାରଣ ଆଜିକାଲି ମାର୍କେଟ୍‌ରେ ଖୁବ୍ ଶସ୍ତାରେ ବି ବିନ୍ଦି ମିଳିଯାଉଛି; କିନ୍ତୁ ଏହାକୁ ଲଗାଇଲେ ଆଲର୍ଜି ପରି ସମସ୍ୟା ଦେଖାଯାଉଛି।
- ଗୋଟିଏ ବିନ୍ଦିକୁ ବହୁତ ଦିନ ପର୍ଯ୍ୟନ୍ତ ମଥାରେ ପିନ୍ଧିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ସେଠାରେ ଇନ୍‌ଫେକ୍ସନ ହୋଇଯିବାର ସମ୍ଭାବନା ରହିଥାଏ।







# ମଡେଲ୍ ମିରର୍



ରୋଜି

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ହାଃ ହାଃ

### ଭଲ ଲାଗେ

ସ୍ତ୍ରୀ ସ୍ୱାମୀଙ୍କୁ: ତୁମକୁ ମୋର ସୁନ୍ଦରତା ବେଶି ଭଲ ଲାଗେ ନା ମୋ ସଂସ୍କାର ?

ସ୍ୱାମୀ: ମତେ ତ ତୁମର ଏଭଳି ମଜା କରିବା ଅଭ୍ୟାସ ବହୁତ ଭଲ ଲାଗେ।

### କାନ୍ଦ

ଜଣେ ବ୍ୟକ୍ତିମଦ ପିଇ କାନ୍ଦୁଥାନ୍ତି। ଏହା ଦେଖି ଅନ୍ୟ ଜଣେ ବ୍ୟକ୍ତି: ଭାଇ, କାହିଁକି କାନ୍ଦୁଛ ?

ମଦ ପିଉଥିବା ବ୍ୟକ୍ତି: କାନ୍ଦିବିନି କେମିତି ? ଯୋଉ ଝିଅକୁ ଭୁଲିବା ପାଇଁ ମଦ ପିଉଛି ତା'ର ନାଁ ହିଁ ମୋର ମନେ ପଡୁନି।

### ଝିଅ


ଝିଅ ଶାଶୁଘରକୁ ଯିବାବେଳେ ମା' ଝିଅକୁ ଧରି ବହୁତ କାନ୍ଦୁଥାନ୍ତି। ଏହା ଦେଖି ଜ୍ୱାଇଁ: ମା' ଆପଣ ଜମା କାନ୍ଦନ୍ତୁନି।

ଝିଅର ମା' କାନ୍ଦି କାନ୍ଦି: ଗୋଟିଏ ବୋଲି ଝିଅ। ଆଜି ସେ ଆମକୁ ଛାଡି ଚାଲି ଯାଉଛି। ବାପାରେ ତା' କଥା ବୁଝୁଥିବ।

ଜ୍ୱାଇଁ: ଜମାରୁ ବ୍ୟସ୍ତ ହୁଅନ୍ତୁନି। ଆପଣଙ୍କ ଝିଅ କିଏ ଆଉ ମୋ ଝିଅ କିଏ।




# ରକ୍ତତୀର୍ଥ ଜାଲିଆନୱାଲାବାଗ








ସମୟ ଅପରାହ୍ନ, ଜୁନ୍ ୯ ତାରିଖ। ଅମୃତସରର ସ୍ୱର୍ଣ୍ଣମନ୍ଦିର ଉପକଣ୍ଠରେ ରହିଥିବା ଏହି ପବିତ୍ର ସ୍ଥାନ ଦର୍ଶନ ପାଇଁ ଯାଇଥାଏ ମୁଁ। ଇତିହାସ ପୃଷ୍ଠାରେ ପଢ଼ିଥିବା ସେହି ଅମାନବୀୟ ସାମୂହିକ ହତ୍ୟାର ଘଟଣା ଜୀବନ୍ତ ହୋଇ ଉଠୁଥିଲା ମୋ ମାନସ ପଟ୍ଟରେ। ଗାଇଡ୍‌ଙ୍କ କଥା ଶୁଣୁଶୁଣୁ ସେଇଠି ଅଟକିଗଲା ମୋ ପାଦ, ଆଖି ଏବଂ ମନ। କାନ୍ଥରେ ଗୁଳି ଦାଗ। ମୋତେ ଦିଶୁଛି ରକ୍ତଛିଟା। ୧୯୧୯ ମସିହାର ବ୍ରିଟିଶ୍ ଶାସନ କାଳରେ ଏକ ଲୋମହର୍ଷଣକାରୀ ସାମୂହିକ ହତ୍ୟାକାଣ୍ଡର ବର୍ଣ୍ଣନା ଚାଲିଛି ମୋ ସାମ୍ନାରେ। ଜାଲିଆନୱାଲାବାଗର ପ୍ରାଚୀର କାନ୍ଥରେ ଗୁଳି ଚିହ୍ନ ଚରମ ବିଭୀଷିକାର ମୂକ ସାକ୍ଷୀ। ସେହି ପ୍ରାନ୍ତରରେ ରହିଛି ଅତି କମ୍‌ରେ ଶତାଧିକ ମୃତଦେହ ଉଦ୍ଧାର ହୋଇଥିବା ପ୍ରାଚୀନ ନିଃସଙ୍ଗ କୂପ! ଆଜି ଏଇ ମ୍ଳାନ ଅପରାହ୍ନର ବିଷର୍ଣ୍ଣ ଲଗ୍ନରେ ନୀରବତାର ନିଃଶବ୍ଦ ଧ୍ୱନି ଭିତରୁ ଉଛୁଳି ଆସୁଛି ଯନ୍ତ୍ରଣାଜର୍ଜରିତ ହୃଦୟଫଟା କରୁଣ ଚିତ୍କାର। ସେଦିନର ସେହି କାହାଣୀ ଗୁମୁରି ଗୁମୁରି ବାହୁନୁଥିଲା ମୋ ଭିତରେ। ଥରିଯାଉଥିଲା ପ୍ରାଣର ନିଭୃତ କନ୍ଦର। ବରଫ ପାଲଟି ଯାଇଥିଲା ସମୟର ପାଦ ଯେମିତି ସେହି ଲହୁଲୁହାଣ କାହାଣୀ ଶୁଣୁ ଶୁଣୁ।

ଜାଲିଆନୱାଲାବାଗ୍‌ର ବର୍ବର କାଣ୍ଡକୁ ଏକ ଶହ ତିନି ବର୍ଷ ପୂରିଗଲାଣି। ତଥାପି ମୁଁ ଅନୁଭବ କରୁଥିଲି ସେଦିନର ଅକଥନୀୟ ଯନ୍ତ୍ରଣା! ପ୍ରବେଶ ପଥର ସାମ୍ନାରେ ଥିଲା ଦେଶଭକ୍ତି ଓ ଏକତାର ପ୍ରତୀକ ଏକ ସୁନ୍ଦର ଅଗ୍ନିଶିଖା ଏବଂ ତାହା ମଧ୍ୟରେ ଦେଶ ପାଇଁ ବଳିଦାନ ଦେଇଥିବା ଶିଖ୍ ବୀରଙ୍କର ପଗଡ଼ିବନ୍ଧା ଶିର। ଅଣଓସାରିଆ ପ୍ରବେଶ ପଥରେ ମାଟି ମା' ପାଇଁ ଅତର୍କିତ ଜୀବନ ଦେଇଥିବା ଅନେକ ନାମହୀନ ମଣିଷଙ୍କ ପ୍ରସ୍ତର ଖୋଦିତ ଚେହେରା। ଆଖି ମୋର ଖୋଜୁଥିଲା ପଢ଼ିବାକୁ ସେହି ଆଖିର ଭାଷା, ଆତଙ୍କିତ ନା ଗୌରବାନ୍ୱିତ! କାନ୍ଥରେ ଥିବା ରକ୍ତଛିଟାର ଦାଗ ମୋତେ ଉଦ୍‌ବେଳିତ କରୁଥିଲା। ଆର୍ତ୍ତଚିତ୍କାର କାନ୍ଥ ଫଟେଇ ମୋ ଆତ୍ମାକୁ ଅସ୍ଥିର ଓ ବିକଳ କରୁଥିଲା।

୧୯୧୯, ଏପ୍ରିଲ ୧୩ ଇତିହାସର ସେହି କଳଙ୍କିତ ଦିବସ। ପଞ୍ଜାବର ପାରମ୍ପରିକ ପର୍ବ ବୈଶାଖୀ ଥିବାରୁ ଚଳଚଞ୍ଚଳ ଥାଏ ଅମୃତସରର ସ୍ୱର୍ଣ୍ଣମନ୍ଦିର। ଅନ୍ୟପକ୍ଷେ ଜାଲିଆନୱାଲାବାଗରେ ଏକତ୍ରିତ ହୋଇଥାଆନ୍ତି ପାଖାପାଖି ୩ ହଜାର ଲୋକ। ସେମାନେ ରାଓଲାଟ ଆକ୍ଟ ଓ ସ୍ୱାଧୀନତା ସଂଗ୍ରାମୀ ସୈଫୁଦ୍ଦିନ କିଚଲିଉ ଏବଂ ସତ୍ୟପାଲଙ୍କୁ ବ୍ରିଟିଶ ସରକାର ଆରେଷ୍ଟ କରିଥିବା ଘଟଣାକୁ ବିରୋଧ କରି ସେଠାରେ ଏକ ଶାନ୍ତିପୂର୍ଣ୍ଣ ସଭାର ଆୟୋଜନ କରିଥାନ୍ତି। ଏଠାକୁ ଏମିତିକିଛି ଲୋକ ବି ଆସିଥିଲେ ଯେଉଁମାନେ ସଭା ସମ୍ପର୍କରେ ଅବଗତ ନଥିଲେ। ସେହିଦିନ ଅପରାହ୍ନର ବୈଶାଖୀ ମେଳାରେ ବିକ୍ରିବଟା କରିବା ପାଇଁ ଆସିଥିଲେ ବହୁ ସଂଖ୍ୟକ ବେପାରୀ ଏବଂ କୃଷକ। ପୁଣି ସ୍ୱର୍ଣ୍ଣମନ୍ଦିର ଦର୍ଶନ ପାଇଁ ଆସିଥିଲେ ଶହ ଶହ ତୀର୍ଥଯାତ୍ରୀ। ପ୍ରାୟ ସାତ ଏକର ଜମିବିଶିଷ୍ଟ ଏକ ଖୋଲା ସ୍ଥାନ, ଯାହା ଚାରିପାଖରେ ତିନି ଚାରି ମହଲାର କୋଠାଘର ଏବଂ ଦଶ ଫୁଟ ଉଚ୍ଚତାବିଶିଷ୍ଟ ପ୍ରାଚୀରଘେରା ଏହି ସ୍ଥଳୀ। ପ୍ରବେଶ ପଥଗୁଡ଼ିକ ଅଣଓସାରିଆ, ଯାହା ମଧ୍ୟରୁ କେତୋଟିରେ ଥିଲା ସ୍ଥାୟୀ ଭାବରେ ତାଲାପକା ଫାଟକ। ମଧ୍ୟସ୍ଥଳରେ ଥିଲା ଆଂଶିକ ଜଳଭର୍ତ୍ତି କୋଡ଼ିଏ ଫୁଟ ବ୍ୟାସବିଶିଷ୍ଟ ଏକ ଖୋଲାକୂଅ। ସେହି ବିରୋଧ ସଭା ସମ୍ପର୍କରେ ଅବଗତ ହେବାପରେ ଅପରାହ୍ନ ଚାରିଟା ତିରିଶି ବେଳେ କର୍ଣ୍ଣଲ ରେଜିନାଲ୍ଡ ଡାୟର ନିଜ ସହ ସୈନ୍ୟ ଏବଂ ରାଇଫଲ୍ ନେଇ ବାଗ୍‌ର ମୁଖ୍ୟ ପ୍ରବେଶ ପଥ ଅବରୋଧ କରିଦେଲେ। ଆଉ ସେହି କ୍ରୂର ବ୍ରିଟିଶ୍ କମାଣ୍ଡରଙ୍କ ନିର୍ଦ୍ଦେଶକ୍ରମେ ସୈନ୍ୟବାହିନୀ ଆଖିବୁଜା ଗୁଳି ବର୍ଷା କରିବା ଆରମ୍ଭ କରିଥିଲେ। ଅତର୍କିତ ଆକ୍ରମଣରେ ସମସ୍ତେ ଆତଙ୍କିତ, କିଂକର୍ତ୍ତବ୍ୟବିମୂଢ଼ ହୋଇ ଡାକି ଚାଲିଥିଲେ ରକ୍ଷା କର, ୱାହେ ଗୁରୁ!

ତେବେ ଶତାଧିକ ବର୍ଷ ପରେ ପୁଣି ସେଇ ଯନ୍ତ୍ରଣାର ଅନୁଭୂତି ଏମିତି ଯେ, ଯେମିତି ଲୁହର ନୁହେଁ, ରୁଧିରର ଧାରା ବହିଯାଉଛି ଆଖିରୁ! ଗାଇଡ୍ କହି ଚାଲିଥାଏ ଦଶ ମିନିଟ୍ ଧରି ୧୬୫୦ ରାଉଣ୍ଡ ଗୁଳି ବର୍ଷିବା ପରେ ଏହି ଅମାନବୀୟ ବର୍ବରତାର ଖେଳ ଶେଷ ହୋଇଥିଲା। ସେଦିନ ଦୁଇ ହଜାରରୁ ଅଧିକ ଲୋକ ରକ୍ତାକ୍ତ, କ୍ଷତବିକ୍ଷତ ହେଲେ, ଶହ ଶହ ନିରୀହ ବ୍ୟକ୍ତି ପ୍ରାଣ ହରାଇଲେ। କର୍ଫ୍ୟୁ ଜାରି କରାଯାଇଥିବା ଫଳରେ ଗୁରୁତର ଆହତ ଲୋକଙ୍କୁ ଚିକିତ୍ସାଳୟ ନିଆଯାଇ ପାରିଲାନାହିଁ। ଆଉ ଛଟପଟ ଅବସ୍ଥାରେ ସେମାନେ ସେଇଠି ପ୍ରାଣ ହରାଇଲେ। ରକ୍ତପାତ, ହାହାକାର, ଅକଥନୀୟ ଯନ୍ତ୍ରଣା ଭିତରେ ଏହି ବିଭୀଷିକାମୟ ସନ୍ଧ୍ୟା ମାନବିକତାର ଇତିହାସରେ ଏକ କାଳିମାବୋଳା ଅଧ୍ୟାୟ ଲେଖି ଦେଇଗଲା।

ଦେଶପ୍ରେମର ରକ୍ତରେ ପବିତ୍ର ଏହି ତୀର୍ଥ ଦର୍ଶନରେ ସେଦିନ ସନ୍ଧ୍ୟାରେ ମୋ ଭିତରେ ବତୁରି ଚାଲିଥିଲା ଏକ ଯନ୍ତ୍ରଣାସିକ୍ତ ଆବେଗ। ନମନ କରୁଥିଲି ଶହୀଦମାନଙ୍କ ପବିତ୍ର ରକ୍ତର ମହକରେ ବିଭୋର ଏହି ମାଟିକୁ। ଏବେ ବି କାନ୍ଥରେ ସାଇତା ହୋଇ ରହିଛି ସେହି ବର୍ବରତାର ଛାପ। ଏବେ ବି କୂଅର ଗଭୀର ପାଣି ଭିତରେ ଛଳ ଛଳ କରୁଥିଲା ଏହିଠାରେ ପ୍ରାଣର ଆହୁତି ଦେଇଥିବା ମଣିଷମାନଙ୍କର ଦେଶଭକ୍ତିର ଆବେଗ। ସନ୍ଧ୍ୟାରେ ଚିତ୍ରାୟିତ ହେଉଥିଲା ସେହି କରୁଣ କାହାଣୀ "ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ" ମାଧ୍ୟମରେ। ସମାଧି ମନ୍ଦିର ଭିତରେ ଥାଇ ପହଁରି ଯାଉଥିଲା କାତର ଦୃଷ୍ଟି ତୋଳି କେତେ କେତେ ନିରୀହ ଚାହାଣି। ଭାବାବେଗରେ ଉଛୁଳି ଉଠୁଥିଲା ଶ୍ରୋତାଙ୍କ ପ୍ରାଣ, ଦେଶପ୍ରେମର ଅପୂର୍ବ ଧ୍ୱନି ଝଙ୍କୃତ ହେଉଥିଲା ଦର୍ଶକ ହୃଦୟରେ। ସ୍ୱର୍ଣ୍ଣ ମନ୍ଦିରର ଅନତି ଦୂରରେ ଥିବା ଏହି ପୁଣ୍ୟ ସ୍ମାରକୀ ପୀଠର ନାମ ସ୍ୱାଧୀନତା ଆନ୍ଦୋଳନର ବଳିଦାନ ଇତିହାସରେ ସର୍ବଦା ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଥିବ।



-ସୁଜାତା ମିଶ୍ର, କସ୍ମୋପଲିସ୍, ଭୁବନେଶ୍ୱର, ମୋ: ୯୪୩୭୧୧୭୦୮୪



ମସ୍ତିଷ୍କ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବା ସହ ଖୁସିରେ ରହେ। କାରଣ ମଣିଷର ସବୁ ଗତିବିଧିକୁ ମସ୍ତିଷ୍କ ହିଁ ନିୟନ୍ତ୍ରଣ କରିଥାଏ। ସେଥିପାଇଁ ଏହାକୁ କିଭଳି ସକ୍ରିୟ ଓ ସୁସ୍ଥ ରଖିହେବ ସେ ସମ୍ପର୍କରେ ଜାଣିବା ନିହାତି ଜରୁରୀ। ନିମ୍ନରେ ପ୍ରଦତ୍ତ ଟିପ୍ସଗୁଡିକ ମସ୍ତିଷ୍କକୁ ସକ୍ରିୟ ରଖିବାରେ ବେଶ୍ ଫଳପ୍ରଦ ବୋଲି ବିଭିନ୍ନ ଗବେଷଣାରେ ପ୍ରମାଣିତ ହୋଇଛି...

# ମସ୍ତିଷ୍କ ସକ୍ରିୟକାରୀ କ୍ରିୟା

**ଧ୍ୟାନ:** ମସ୍ତିଷ୍କକୁ ସକ୍ରିୟ ଓ ତୀକ୍ଷ୍ଣ ରଖିବାର ବହୁ ପୁରାତନ ଉପାୟ ହେଉଛି ଧ୍ୟାନ। ବହୁ ପୂର୍ବେ ମୁନି ଋଷି ଓ ଜ୍ଞାନୀ ଲୋକମାନେ ଧ୍ୟାନ କରୁଥିଲେ। ଯେଉଁଥିପାଇଁ ସେମାନେ ବହୁ ଜ୍ଞାନର ଅଧିକାରୀ ହେବା ସହ ଅନେକ ଗଣନା କରିପାରୁଥିଲେ। ଆଉ ସେମାନେ ମୁହଁରେ ମୁହଁରେ ଅନେକ ଗ୍ରନ୍ଥ ବି ମନେ ରଖିପାରୁଥିଲେ। ବିଜ୍ଞାନ ଅନୁସାରେ ଧ୍ୟାନ କଲେ ମସ୍ତିଷ୍କ ଭଲ ମାତ୍ରାରେ ନ୍ୟୁରନ୍ସ ତିଆରି କରିବାରେ ସକ୍ଷମ ହୋଇଥାଏ। ତେଣୁ ମସ୍ତିଷ୍କ ତୀକ୍ଷ୍ଣ ହୁଏ।



**ଜଗିଂ:** ଜଗିଂ ଶରୀର ଉପରେ ନାନା ପ୍ରକାରରେ ପ୍ରଭାବ ପକାଇଥାଏ। ଏହା ପୁରା ଶରୀରକୁ ସକ୍ରିୟ କରିବା ସହ ମସ୍ତିଷ୍କକୁ ମଧ୍ୟ ସକ୍ରିୟ କରେ। ଖାଲି ଜଗିଂ ନୁହେଁ ଚାହିଁଲେ ବ୍ରିସ୍କ ୱାକ୍ ଓ ସ୍କିପିଂ ବି କରିପାରିବେ। ଏହାଦ୍ୱାରା ଶରୀର ମଜଭୁତ ହେବା ସହ ମସ୍ତିଷ୍କ ତୀକ୍ଷ୍ଣ ହୁଏ।

**ଡାଏଟ୍:** ମସ୍ତିଷ୍କକୁ ସକ୍ରିୟ କରିବା ପାଇଁ ଖାଦ୍ୟରେ ପ୍ରୋଟିନ୍, ଓମେଗା ୩ ଓ ଫ୍ୟାଟି ଏସିଡ୍ ସଠିକ୍ ମାତ୍ରା ରହିବା ଜରୁରୀ। ତାସହ ଭିଟାମିନ ଡି ଓ କ୍ୟାଲସିୟମ ବି ଜରୁରୀ।

**ବାମ ହାତର ଉପଯୋଗ:** କାମ କରିବା ପାଇଁ ପ୍ରାୟତଃ ସମସ୍ତେ ଡାହାଣ ହାତର ବ୍ୟବହାର କରନ୍ତି। କିନ୍ତୁ ଅନେକ ଗବେଷଣାରୁ ଜଣାପଡିଛି ଯେଉଁମାନେ ନିଜର ଡାହାଣ ହାତ ସହ ବାମ ହାତର ଉପଯୋଗ ସମାନଭାବେ କରନ୍ତି ସେମାନଙ୍କ ମସ୍ତିଷ୍କ ଅନ୍ୟମାନଙ୍କ ଅପେକ୍ଷା ଅଧିକ ତୀକ୍ଷ୍ଣ ହୋଇଥାଏ। ଆଉ ସେମାନେ ସ୍ମାର୍ଟ ଡିସିସନ୍ ନେଇପାରନ୍ତି। ତେଣୁ ବାମ ହାତର ବି କିଛି କିଛି ଉପଯୋଗ କରିବା ଭଲ।

**ଟେଟ୍ରିସ୍ ଖେଳ:** ଟେଟ୍ରିସ୍ ଅବା ବ୍ଲକ ଯୋଡିବା ଖେଳ ଖେଳିଲେ ମସ୍ତିଷ୍କର ଗ୍ରେ ମିଟରରେ ବୃଦ୍ଧି ଘଟେ। ସାଧାରଣତଃ ଗ୍ରେ ମିଟର ମନେ ରଖିବାରେ ସାହାଯ୍ୟ କରିଥାଏ। ଆଉ ବ୍ଲକ ଖେଳିଲେ ଗ୍ରେ ମିଟରର ବୃଦ୍ଧି ଘଟେ। ଫଳରେ ସ୍ମରଣ ଶକ୍ତି ବଢିଥାଏ। ତାସହ ଏହା ଠିକ୍ ନିଷ୍ପତ୍ତି ନେବାରେ ବି ସାହାଯ୍ୟ କରେ।

**କିଛି ସମୟର ନିଦ୍ରା:** ଦିନରେ ଯେତେବେଳେ ବି ଥକ୍କା ଲାଗୁଛି ୧୫-୨୦ ମିନିଟ ପର୍ଯ୍ୟନ୍ତ ଟିକେ ଶୋଇପଡନ୍ତୁ। ଏଭଳି କଲେ ମଧ୍ୟ ସ୍ମରଣ ଶକ୍ତି ବଢିଥାଏ। ଯଦି କେବେ କୌଣସି ବଡ ନିଷ୍ପତ୍ତି ନେବାକୁ ପଡେ, କେଉଁଟି ଠିକ୍ ଓ କେଉଁଟି ଭୁଲ ଜାଣିବା ପାଇଁ ପ୍ରଥମେ ପରିସ୍ଥିତିକୁ ଭଲଭାବେ ତର୍ଜମା କରିବାକୁ ପଡେ। ଆଉ ଏଇ ନିଷ୍ପତ୍ତି ନେବା କ୍ଷମତା କିଛି ସମୟର ବିଶ୍ରାମଦ୍ୱାରା ବଢିଥାଏ।

**ସକାଳେ ଶୀଘ୍ର ଉଠିବା :** ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା ଅଭ୍ୟାସ ଦ୍ୱାରା ଦିନ ଭଲରେ କଟିଥାଏ। ଏହି ସମୟରେ ଉଠିଲେ ମସ୍ତିଷ୍କର ହାପି ହର୍ମୋନ ଓ ଇଣ୍ଟେଲିଜେନ୍ସ ହର୍ମୋନ୍ର କ୍ଷରଣ ପ୍ରାକୃତିକ ରୂପରେ ବଢିଥାଏ। ତେଣୁ ଶୀଘ୍ର ଉଠିବା ଆପଣଙ୍କୁ ଶାନ୍ତ, ବିଚାରବନ୍ତ ଓ ଖୁସ୍ ମିଜାଜ୍ର କରିଥାଏ। ତା'ସହ ଅବସାଦରୁ ବି ଦୂରେଇ ରଖେ।

# ମୁଣ୍ଡ ନା ଚୁମ୍ବକ



ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଅଜବ ଅଜବ କାମ କରି ୱାର୍ଲଡ ରେକର୍ଡ କରୁଛନ୍ତି। ଆମେରିକାର ଜଣେ ବ୍ୟକ୍ତି ବି ସେମିତି କିଛି ଅଜବ କାମ କରି ସାରା ପୃଥିବୀରେ ପରିଚିତ ହୋଇପାରିଛନ୍ତି। ଜେମି କିଟନ ନାମକ ଏହି ବ୍ୟକ୍ତି ଜଣକ ବିନା ଅଠାରେ ମୁଣ୍ଡରେ ୧୦ଟି କୋକ୍ କ୍ୟାନ୍ ଲଗାଇ ଉକ୍ତ ରେକର୍ଡ କରିଛନ୍ତି। ଭାବୁଥିବେ ଅଠା ବ୍ୟବହାର ନ କରି ମୁଣ୍ଡରେ କ୍ୟାନଗୁଡିକ ଲାଖିକି ରହିଲା କେମିତି ? ତେବେ ଜେମି ଏଥିପାଇଁ ଏୟାର ସକ୍ସନ ପଦ୍ଧତି ବ୍ୟବହାର କରିଛନ୍ତି। ଅର୍ଥାତ୍ ଯଦି ଆପଣ ଏକ ଖାଲି ଗ୍ଲାସ୍ର ମୁହଁକୁ ପାଟିରେ ରଖି ପବନ ଟାଣିବେ ଦେଖିବେ ଗ୍ଲାସ୍ଟି ଆପଣଙ୍କ ପାଟିରେ ଲାଖିକି ରହିଯିବ। ଏହି ପଦ୍ଧତି ଦ୍ୱାରା ସେ ମୁଣ୍ଡରେ ୧୦ଟି କ୍ୟାନ ୫ ସେକେଣ୍ଡ ପର୍ଯ୍ୟନ୍ତ ଲଗାଇ ରଖିଥିଲେ। ଆଉ ରେକର୍ଡ କରିବାରେ ସମର୍ଥ ହେଲେ।



## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

# ଦୁର୍ନୀତିଆଙ୍କ ସପକ୍ଷରେ...!!



ବକ୍ତାଙ୍କ ଗରମାଗରମ ଭାଷଣ ଶୁଣି ଭକ୍ତଗଣ ଉତ୍ୟକ୍ତ ହୋଇଉଠିଲେ । ବକ୍ତା ଗର୍ଜନ କରି କହିଲେ, ମୋତେ ଦୁର୍ନୀତିଆ କହି ଯେଉଁମାନେ ଅପମାନିତ କରୁଛନ୍ତି.. ତାହା ମୋର ଖାଲି ଅପମାନ ନୁହଁ ବରଂ ଏ ରାଜ୍ୟର ଏ ଦେଶର ଅପମାନ । ଅସଂଖ୍ୟ ଜନସାଧାରଣଙ୍କ ଘୋର ଅପମାନ । ଏ କଥା ଶୁଣି ଭକ୍ତଗଣ ସମସ୍ୱରରେ କହିଲେ... ''ହଁ ହଁ । ଦୁର୍ନୀତି ଯେବେ ନୀତି ନ ହୋଇବ ଆତ୍ମହତ୍ୟା କରିଦେବୁ /ଦୁର୍ନୀତିଆ ଯଦି ଜେଲ ଯାଏ ଶୁଣ୍ଣୁ ଶୁଣ୍ଣୁ ମରିଯିବୁ...।''

ଆଜ୍ଞା ! ସେମାନେ କ'ଣ ଭୁଲ କହିଲେ କି ? କଥାଟା ଥଣ୍ଡା ମଗଜରେ ପୂରେଇ ଟିକେ ଭଲରେ ହେଜନ୍ତୁ । ଯୋଉମାନେ ଲାଜସରମ ଛାଡ଼ି, ଡରଭୟ ପରିତ୍ୟାଗ କରି, ଯାବତୀୟ ଅପମାନ ସହ୍ୟକରି, ଜେଲରେ ରହିବା ଦଣ୍ଡ ଜାଣିବି ବଡ଼ ବଡ଼ ଦୁର୍ନୀତିରେ ନିଷ୍ଠାରଖି, ବହୁ କଷ୍ଟକରି, ମହଣ ମହଣ ସୁନା, କୋଟିକୋଟି ଟଙ୍କା, ଶହ ଶହ ଏକର ଜାଗା, ଅସଂଖ୍ୟ ଫ୍ଲାଟ, ଗୃହ ଉପଯୋଗୀ ପ୍ଲଟ, ଅନେକ ଶପିଙ୍ଗ୍ ମଲ୍, ଫିଲିମ୍ ହଲ, ଦେଶ ବିଦେଶରେ ମୁଣ୍ଡ ଖଟେଇ କିଣିପାରନ୍ତି.. ସେମାନଙ୍କୁ ଅପମାନସୂଚକ ଶବ୍ଦ.. ଠକ, ଚୋର, ଶୋଷକ, ଟାଉଟର ଭଳି ଅଣଅଭିଧାନିକ କଥା କହି ତାଙ୍କ ମାନହାନି କରି ତାଙ୍କଠି କଳା ବୋଳିବା କ'ଣ ଠିକ୍ ? ବରଂ ଏମାନେ ଦୁଃସାହସୀ, ଆମ ହିତାକାଂକ୍ଷୀ, ପରୋପକାରୀ ସର୍ବଗୁଣସମ୍ପନ୍ନ, ସର୍ବସଂହା ଅତି ଭଦ୍ର ମହାମାନବ ଭଳି ଉଚ୍ଚ ବିଶେଷଣଯୁକ୍ତ ଶବ୍ଦରେ ସମ୍ବୋଧିତ ହେବା ଆବଶ୍ୟକ । ଏଇଭଳି ବ୍ୟକ୍ତି ହିଁ ଆମ ଦେଶର ନୂତନ ଇତିହାସ ସୃଷ୍ଟିକାରୀ । ମାନ୍ୟଗଣ୍ୟର ଅସଲି ହକ୍‌ଦାର । ଏଁ.. ପଚାରୁଛନ୍ତି କେମିତି ? ଆଜ୍ଞା ଶୁଣୁନାହାନ୍ତି । ଏମାନଙ୍କର ମୁଣ୍ଡ ଏଡ଼େ ଦୁର୍ବଳିଆ କି ? ଜନତାଙ୍କ ସେବା ପାଇଁ ସଂକଳ୍ପ ନେଇଥିବା ଏମାନେ ମୁଣ୍ଡିଆଳ । ସେଇଭଳି ସାହସୀ ଉନ୍ନତମୁଣ୍ଡ ତୁଣ୍ଡ ହୋଇ ନ ଥିଲେ, କ'ଣ ଏସବୁ କରିବା ଏଡ଼େ ସହଜ ? ତା' ଛଡ଼ା ଆମ ଦେଶର ଆଦର୍ଶ, ଉନ୍ନତିର ମୂଳମନ୍ତ୍ର କ'ଣ, ତାହା ଭଲରେ ଜାଣିଛନ୍ତି । ଆମ ଭାରତବର୍ଷ ତ୍ୟାଗ ବୈରାଗୀ ମୁନିଋଷିଙ୍କର ଦେଶ । ଏଠି ଭୋଗଠାରୁ ତ୍ୟାଗର ମହତ୍ତ୍ୱ ବେଶି ବୋଲି ପ୍ରଚାରିତ । ଆସକ୍ତ ନୁହଁ ଅନାସକ୍ତ ନିର୍ଲିପ୍ତ ଜୀବନରେ ବଞ୍ଚିବାର ଶିକ୍ଷା ଦିଆଯାଏ । ନେବାଠୁ ଦେବାର ଆନନ୍ଦ ଅଧିକ ବୁଝାଯାଏ । ନିଜଠୁ ଅନ୍ୟର ଉନ୍ନତି ଦେଖି ଆନନ୍ଦିତ ହେବାର ଆଦର୍ଶ ଉଦାହରଣ ଅଛି । ମୋଟାମୋଟି ବୁଝିଲେ.. ଯଦି ଜନସାଧାରଣ ଅଧିକ ଧନୀ ହୁଅନ୍ତି ତାହା କ୍ଷତିକାରକ । ଘରୁ ଚୋରି ଡକେଇତି ହେବାର ଭୟଥାଏ । ରାତିରେ ଆଖିରୁ ନିଦ ହଜିଯାଏ । ଧନ ଚିନ୍ତାରେ ରୋଗ ମାଡ଼ିବସେ । ଏ ସବୁ ବିଷୟରେ ଚିନ୍ତାକରି ଲୋକେ ନିରାପଦରେ ନିର୍ଭୟରେ ରୁହନ୍ତୁ ବୋଲି ଯିଏ ନିଜ ଉପରେ ରିସ୍କନେଇ ବିପଦ ଜାଣିବି ସାଧାରଣ ଜନତାଙ୍କ ଧନକୁ ନିଜ ଦାୟିତ୍ୱରେ ନେଲେ, ପଡୋଶୀ ସମ୍ପର୍କୀୟଙ୍କ ଘରେ ଅଥବା ପାଇଖାନା ଘରେ ସାଇତିପାରିଲେ... ସେମିତିଆ ହିତ ଚିନ୍ତକ ବନ୍ଧୁ ମୁରବିଙ୍କୁ ଆପଣ ଶୋଷକ ଦୁର୍ନୀତିଆ କହୁଛନ୍ତି କେମିତି! ବରଂ ଏମାନେ ସଚ୍ଚା ସେବକ ।

ଆପଣ ଦେଖିଥିବେ.. ଏମିତିକା ଅତି ଭଦ୍ର ସେବକମାନଙ୍କ ମଧ୍ୟରୁ ଅଧିକାଂଶ ଯାବତୀୟ ବେମାରଗ୍ରସ୍ତ । ମୁଖ୍ୟତଃ ଏମାନଙ୍କୁ ଅନେଶ୍ୱତ ବେମାରି, ମାନେ ଯେତେଧନ ପ୍ରାପ୍ତି ହେଲେବି ତୃପ୍ତ ନ ହୋଇ ସର୍ବଦା କ୍ଷୁଧାର୍ତ୍ତ ଥାନ୍ତି । ହାର୍ଟ ଦୁର୍ବଳ, ଡାଇବେଟିସ ପ୍ରବଳ, କିଡ୍‌ନୀ ଫେଲ ହେଉଥିଲେ ବି –ମନୋବଳ ଦୃଢ଼ । କାମରେ ସଫଳ ହୋଇଥାନ୍ତି । ଏମାନେ ଅନ୍ୟମାନଙ୍କ ପରି ଭଲମନ୍ଦ ସ୍ୱାଦିଷ୍ଟ ଖାଦ୍ୟ ନ ଖାଇ ରୁଟି କଲରା ସିଝା ଖାଇ, ବଟିକା ଗିଳି ବିଡ଼ା ବିଡ଼ା ଟଙ୍କା.. ସରକାରୀ ଧନ ଜନତାଙ୍କ ସମ୍ପତ୍ତିକୁ ବେଶ୍ ଆରାମରେ ହଜମ କରିବାର କ୍ଷମତା ରଖିଥାନ୍ତି । ଶରୀର ଦୁର୍ବଳ, ଚର୍ମ ଶିଥିଳ, ଦନ୍ତ ଗଳିତ, କେଶ ପକ୍ୱଯୁକ୍ତ ହୋଇ କାଳର ପାଟିରେ ପଶିଥିଲେବି ନିଜ ଡିଉଟିରେ ଖିଲାପ ନ କରି ଅଧିକରୁ ଅଧିକ ଗିଳୁ ଗିଳୁ ବେଳେବେଳେ ପେଟରେ ବଦହଜମି କାରଣରୁ ଦୁର୍ଗନ୍ଧ ବାୟୁର ବିସ୍ଫୋରଣ ହୁଏ । ସେଇ ମନ୍ଦବାୟୁ ଗନ୍ଧର ଆଭାସ ପାଇ, କେହି କେହି ସିବିଆଇ ନହେଲେ ଇଡି ଭଳି ବିଶେଷଜ୍ଞଙ୍କୁ ଆରୋଗ୍ୟକାମନାରେ ଡକେଇଥାନ୍ତି । ତାଙ୍କ ଚିକିତ୍ସାରେ ଭୟଭୀତ ହୋଇ ଛପିଥିବା ପୁରୁଣାରୋଗ .. ହାର୍ଟ କିଡ୍‌ନି ବ୍ରେନ୍ ଭଳି ବେମାରି ହଠାତ ଉଠିବାରୁ ତୁରନ୍ତ ମେଡିକାଲ ଖଟିଆରେ ରହି ଅନିର୍ଦ୍ଦିଷ୍ଟ ବିଶ୍ରାମ ନିମନ୍ତେ ସତ୍ୟ ସାର୍ଟିଫିକେଟ ଡାକ୍ତରଙ୍କ ଦ୍ୱାରା ଦିଆଯାଏ । ହଠାତ ଏ ରୋଗ ବାହାରିବାର ଅସଲ କାରଣ ହେଲା ସେ ଜେଲରେ ରହିଲେ.. ଆଉ କିଏ ଦେଶର ଜନସାଧାରଣଙ୍କ ଧନକୁ ନେଇ ନିରାପଦରେ କୋଉଠି ରଖିବ । ତାଙ୍କୁ ଶାନ୍ତିନିଦ୍ରା ପ୍ରଦାନ କରିବ ।

ଏମାନଙ୍କର ଆଉ ଗୋଟେ ସଦ୍‌ଗୁଣ ହେଲା ଇଡି ଧରିବା ପରେ ଏମାନେ ତ୍ୟାଗୀ ବୈରାଗୀ ଆସକ୍ତିଶୂନ୍ୟ ହୋଇଯାନ୍ତି । ଏତେ ଧନ କୋଉଠୁ ଆସିଲା କିଏ କେମିତି ରଖିଲା ସବୁ ଭୁଲି ସଫେଇ ଦିଅନ୍ତି.. ବୋଧହୁଏ ଭଗବାନ ତାଙ୍କପରି ସଚ୍ଚୋଟ ସଚ୍ଚାମଣିଷ ଦେଖି ଦେଇଛନ୍ତି । ତାଙ୍କପରି ବିଶୁଦ୍ଧ ଜନସେବକ ପରୋପକାରୀଙ୍କ ସଦ୍‌ଗୁଣ ଦେଶ ରାଜ୍ୟ ମୁଖ୍ୟ ଜାଣନ୍ତି ନାହିଁ । ଯଦି ଏତେ ଭଲଗୁଣ ଜାଣିଥାନ୍ତେ.. ତେବେ କ'ଣ ଜାତୀୟ ପୁରସ୍କାର ନ ଦେଇ ରହିପାରିଥାନ୍ତେ ! ଏମିତିକା ଅତି ଭଦ୍ରଙ୍କୁ କାରାମୁକ୍ତ କରାଯାଇ ରାଜ୍ୟ ଦେଶର ସମ୍ପୂର୍ଣ୍ଣ ଶାସନଭାର ଦେବାକଥା । ତା ହେଲେ ବହୁଦିନର ପ୍ରତୀକ୍ଷା.. ଦୁର୍ନୀତିକୁ ନୀତିରେ ବଦଳାଯାଇ ନୂଆଯୁଗର ସୁରୁଆତ୍ ହୁଅନ୍ତା । ଜେଲରେ ସେଇମାନେ ରୁହନ୍ତେ. ଯେଉଁମାନେ ଦୁର୍ନୀତି ଦୁର୍ନୀତି ରଡି କରୁଛନ୍ତି । ତାଙ୍କଭଳି ଭଲ ଲୋକଙ୍କ ନିନ୍ଦା କରୁଛନ୍ତି । ସେତେବେଳେ ଆମ ଦେଶ ସାରା ପୃଥିବୀରେ ଉଦାହରଣ ସୃଷ୍ଟି କରନ୍ତା । ଆକାଶରେ ଲକ୍ଷ ଲକ୍ଷ ତାରାମଧ୍ୟରେ ଏମାନେ ଚନ୍ଦ୍ର ପରି ଚମକନ୍ତେ । ଦେଶ ପୂରା ଉପରକୁ ଉଠିଯାଇ ଦୁର୍ନୀତିର ଜୟ ଜୟକାର ଶୁଭନ୍ତା... ।


–ମଙ୍ଗରାଜପୁର, ପୁରୀ
ମୋ:୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ସ୍ତୋତ୍ର ସୁଧାକର

ବାନପ୍ରସ୍ଥୀ ବନ ବିହାରୀ ମହାପାତ୍ର
ପ୍ରକାଶିକା–ଅମିତପ୍ରଭା ମହାପାତ୍ର
ମହାନଦୀ ବିହାର, କଟକ
ମୂଲ୍ୟ–୨୦୦ଟଙ୍କା

ସ୍ତୋତ୍ର ସୁଧାକର ପୁସ୍ତକର ଲେଖକ ବାନପ୍ରସ୍ଥୀ ବନ ବିହାରୀ ମହାପାତ୍ର । ଏଥିରେ ଗଣପତି ସ୍ତୋତ୍ର, ଶ୍ରୀ ଶିବ ସ୍ତୋତ୍ର, ଶ୍ରୀରାମ ସ୍ତୋତ୍ର, ଶ୍ରୀବିଷ୍ଣୁ ସ୍ତୋତ୍ର, ଶ୍ରୀକୃଷ୍ଣ ସ୍ତୋତ୍ର, ଦୈବୀ ସ୍ତୋତ୍ର ଓ ବିବିଧ ସ୍ତୋତ୍ର ଆଦି ରହିଛି । କାୟୋମନୋବାକ୍ୟରେ ଭଗବତ୍ ସେବା ସମର୍ପଣ ବୁଦ୍ଧିରେ ସ୍ତୁତିଗୁଡ଼ିକୁ ପାଠକଲେ ମନରେ ଭକ୍ତି ଭାବ ସଞ୍ଚାରିତ ହୁଏ । ଭକ୍ତି ଭାବରେ ପ୍ରବେଶ କରିବାକୁ ଏଗୁଡିକ ପାହାଚ ସଦୃଶ । ଏଥିରେ ସନ୍ନିବେଶିତ ସ୍ତୋତ୍ରଗୁଡିକ ହିନ୍ଦୀ ଏବଂ ବଙ୍ଗଳା ଭାଷାରେ ରଚିତ ହୋଇଛି । ସେଗୁଡିକୁ ଚୟନ କରି





ମୁଖ ପାଠ୍ୟ କରିବା ପଇଁ ଉତ୍କଳ ଲିପିରେ ଅର୍ଥ ସହିତ ଅନୁବାଦ କରାଯାଇଛି । ବେଦ ଓ ପୁରାଣରେ ଭଗବାନଙ୍କୁ ଗଣେଶ, ଶିବ, ରାମ, ବିଷ୍ଣୁ ଏବଂ କୃଷ୍ଣ ଆଦି ଦେବତା ମାନ୍ୟତା ଦିଆଯାଇ ସେମାନଙ୍କର ପ୍ରସନ୍ନତା ପାଇଁ ଆମର ପୂର୍ବସୂରୀମାନେ ବହୁବିଧ ସ୍ତୋତ୍ର ରଚନା କରି ଯାଇଥିବା ଆମ ଲାଗି ଗୌରବର ବାର୍ତ୍ତାବହ । ସ୍ତୋତ୍ରଗୁଡିକ ନିଶ୍ଚିତ କର୍ମରେ ଆସିବ ଏବଂ ଭଗବତ୍ ପ୍ରାପ୍ତି ଆଡକୁ ମାର୍ଗଦର୍ଶନ ଦେବ ।

### ବୋଉର ଦୁଃଖ ଓ ଅନ୍ୟାନ୍ୟ ଗଳ୍ପ

ପ୍ରକାଶ ଚନ୍ଦ୍ର ମୁନୀ
ପ୍ରକାଶିକା–ସ୍ନେହଲତା ମୁନୀ
ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର–୧୦
ମୂଲ୍ୟ–୧୫୦ଟଙ୍କା

ବୋଉର ଦୁଃଖ ଓ ଅନ୍ୟାନ୍ୟ ଗଳ୍ପ ପ୍ରକାଶ ଚନ୍ଦ୍ର ମୁନୀଙ୍କ ଗଳ୍ପ ପୁସ୍ତକ । ଏଥିରେ ୧୮ଟି ଗପ ସ୍ଥାନ ପାଇଛି । ଏଥିରେ ବୋଉ ସମ୍ପର୍କରେ ସେ ଅଧିକ ଗଳ୍ପ ଲେଖିଛନ୍ତି । ବୋଉର ପଟାନ୍ତର ନାହିଁ । ସେ ଅନେକ ଥର ଜନ୍ମ ହୋଇଛି ଓ ମରିଛି । ମାତୃଲୀଳା ଅବ୍ୟକ୍ତ ଓ ଅବର୍ଣ୍ଣନୀୟ । ବୋଉ ଗଳ୍ପରେ ନନା ଚାଲିଯିବାର





ଯେଉଁ ଦୁଃଖ ଏବଂ ଯନ୍ତ୍ରଣା ବା କଷ୍ଟ ସେ ପାଉଛନ୍ତି ତାହା ବର୍ଣ୍ଣନା କରାଯାଇଛି । ସେ ପୂର୍ବପରି ଆଉ ଭଞ୍ଜନଗର ଯାଉ ନାହାନ୍ତି । କେବଳ ବର୍ଷକୁ ଥରଟିଏ ଯାଉଛନ୍ତି, ବୈଶାଖ ଶୁକ୍ଳ ସପ୍ତମୀରେ ନନାଙ୍କ ଶ୍ରାଦ୍ଧରେ ବୋଲି ଲେଖକ ବର୍ଣ୍ଣନା କରିଛନ୍ତି । ସେ ଭଞ୍ଜନଗରରେ ପହଞ୍ଚିବା ପରେ ବୋଉ ଧୈର୍ଯ୍ୟ ଧରିବ । ହୃଦୟ ଓ ମନର ଅନେକ ଅକୁହା କଥା ସେ ଗଳ୍ପ ମାଧ୍ୟମରେ ଲେଖକ ପ୍ରକାଶ କରିଛନ୍ତି । ଯାହା ତାଙ୍କ ଅନ୍ୟ ଗଳ୍ପରେ ମଧ୍ୟ ପ୍ରତିଫଳିତ ହୋଇଛି ।

### ମହରଗ ପାଦେ ମାଟିର ସ୍ୱପ୍ନ

ନିରାକାର ଦାସ
ତୀରତରଙ୍ଗ ପ୍ରକାଶନୀ, ଭୁବନେଶ୍ୱର
ମୂଲ୍ୟ–୧୫୦ଟଙ୍କା

ଏଥିରେ କବିଙ୍କର ୫୦ଟି କବିତା ସ୍ଥାନ ପାଇଛି । ସବୁ କବିତାରେ ଅସହ୍ୟ ଯନ୍ତ୍ରଣା ବେଦନା ବିଦଗ୍ଧ କବି ମନରେ ଦୈନ୍ୟ ନିର୍ଯ୍ୟାତନାରେ ଦିନ କାଟୁଥିବା ମଣିଷମାନଙ୍କ ପାଇଁ ବ୍ୟସ୍ତ, ବ୍ୟଥିତ ଓ ସମର୍ପିତ । କବିତାଗୁଡିକରେ ସମ୍ବେଦନା ସହିତ ଅଛି ପ୍ରତିବାଦ, ଶୋଷଣ, ଭେଦାଭେଦ ଓ ଅପସଂସ୍କୃତିର ବିରୋଧ । ସଂସାର ରାସ୍ତାରେ ଶିଳ୍ପପତି ଅଛନ୍ତି, ସାମ୍ରାଜ୍ୟବାଦୀ ଅଛନ୍ତି, ଆତଙ୍କବାଦୀ ଅଛନ୍ତି, ଅଛି ଦରିଦ୍ର ପରିବାରର ଶିଶୁଙ୍କ ଭୋକ ଓ ଅସହାୟ ବାର୍ଦ୍ଧକ୍ୟ ଅବସ୍ଥା । କବି ଅପେକ୍ଷା କରନ୍ତି




ଏ ପରି ଏକ ପରିବର୍ତ୍ତନକୁ ଯେଉଁଥିରେ ସବୁ ବଦଳି ଯିବ । ଧନୀ, ଗରିବଙ୍କ ଭେଦଭାବ ଦୂରେଇ ଯିବ । ପରସ୍ପର ପ୍ରତି ସୌହାର୍ଦ୍ଦଭାବନା ରହିବ । ଭଲପାଇବା ରହିବ । ସାରା ସଂସାର ସୁନ୍ଦର ହୋଇଯିବ । ସମ୍ବେଦନାର ସ୍ୱର ଓ ଆସ୍ପୃହାରେ କବିପ୍ରାଣ ମୁଖର । ତାଙ୍କର ଉଚ୍ଚାରଣ ଅନ୍ତରାତ୍ମାର ଅନ୍ତରାତ୍ମା । କିବିତାରେ ଭରି ରହିଛି ଦଳିତ ଓ ନିଷ୍ପେସିତଙ୍କ ପେଟର ଭୋକ ଓ ମନର କଥା, ଯାହା ପାଠକ ହୃଦୟକୁ ଛୁଇଁବ ବୋଲି ଆଶା ।

# ଜିପର୍ ବ୍ୟାଗ୍ ନୁହେଁ ପୋର୍ଟେବଲ ୱାଶିଂ ମେସିନ୍



ଟ୍ରାଭେଲ କଲାବେଳେ ଯଦି ପିନ୍ଧିଥିବା ପୋଷାକ ମଇଳା ହୋଇଯାଏ ଟେନ୍‌ସନ୍ ବଢିଯାଏ, କେମିତି ତାକୁ ସଫା କରିବେ। ତେବେ ଏଇ ସମସ୍ୟାର ସମାଧାନ କରିବାକୁ ଯାଉଛି ଜାପାନୀ କମ୍ପାନୀ କାଓ। ଏହି କମ୍ପାନୀ ତିଆରି କରିଛି ଏକ ପୋର୍ଟେବଲ୍ ୱାଶିଂ ମେସିନ, ଯାହାକୁ ଦେଖିଲେ କେହି ବିଶ୍ୱାସ କରିବେନି ତାହା ଏକ ୱାଶିଂ ମେସିନ ବୋଲି। କାରଣ ତାହା ଦେଖିବାକୁ ଏକ ସାଧାରଣ ଜିପର୍ ବ୍ୟାଗ୍ ପରି। ଏହାର ଜିପ୍ ଖୋଲି ସେଥିରେ ମଇଳା କପଡା, ଡିଟରଜେଣ୍ଟ ଓ ପାଣି ପକାଇ ଜିପ୍‌ଟିକୁ ବନ୍ଦ କରିଦେଇ ଜିପର୍ ବ୍ୟାଗ୍‌କୁ ଭଲଭାବେ ହଲାନ୍ତୁ। ପରେ ହାତରେ କପଡା ଧୋଇବାବେଳେ ଯେପରି କପଡାକୁ ଦୁଇ ହାତରେ ଧରି ଘଷନ୍ତି ସେହିଭଳିଭାବେ ସେହି ମଇଳା କପଡା ଥିବା ଜିପର୍ ବ୍ୟାଗକୁ ଘଷନ୍ତୁ। ଏହାପରେ ଜିପର୍ ବ୍ୟାଗ୍ ସାଇଡ୍‌ରେ ଥିବା କଣାର ଠିପି ଖୋଲି ଦେଲେ ମଇଳା ପାଣି ସେଇ ବାଟ ଦେଇ ବୋହି ଯିବ। ପରେ ସଫା ପାଣି ପକାଇ ପୁଣି ଧୋଇ ମଇଳା ପାଣି କଣାବାଟ ଦେଇ ଛାଡିବେ। ଏମିତି ବାରମ୍ବାର କରି କପଡା ସଫା କରାଯିବ। ଏହି ଜିପର୍ ବ୍ୟାଗ୍ ୱାଶିଂ ମେସିନ୍ ବିଦ୍ୟୁତ ନ ଥିବାବେଳେ ଓ ଟ୍ରାଭେଲ କଲାବେଳେ କପଡା ସଫା କରିବାରେ ବହୁତ ସାହାଯ୍ୟ କରିପାରିବ।

# ବାଉଁଶ ମିଠା









କଳାକାର ସବୁକିଛିରେ ନିଜ ସୃଜନଶୀଳତାର ଛାପ ଛାଡିପାରେ। ସେ ବର୍ଜ୍ୟବସ୍ତୁ ହେଉକି ଖାଦ୍ୟପଦାର୍ଥ। ଠିକ୍ ଯେମିତି ଏବେ ସୋସିଆଲ ମିଡିଆରେ ଏକ କଳାକୃତୀର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଦେଖିବାକୁ ମିଳେ ଛୋଟ ଛୋଟ ପତ୍ର ଥିବା ଏକ ବାଉଁଶ ବୁଦା। ତେବେ ପଛରେ ଜଣାପଡେ ତାହା ସତସତିକା ବାଉଁଶ ନୁହେଁ ବରଂ ଏକ ସୁଇଟ୍ ଡିସ୍। ପ୍ରସିଦ୍ଧ ପେଷ୍ଟ୍ରି କଳାକାର ଅମୌରୀ ଗୁଇଚୋନ ତିଆରି କରିଛନ୍ତି ବାଉଁଶ ପରି ଦେଖାଯାଉଥିବା ଏହି ଥାଇ ଡେଜର୍ଟକୁ। ଏହାକୁ ପ୍ରସ୍ତୁତ କରିବା ପାଇଁ ସେ ପ୍ରଥମେ ଏକ ପାଚିଲା ଆମ୍ବକୁ ଛୋଟ ଛୋଟ କରି କାଟନ୍ତି। ତାସହ ସେ ଅନ୍ୟ ଫଳ ଓ ସାମଗ୍ରୀ ବ୍ୟବହାର କରି ଏହି ସୁଇଟ୍ ଡିସ୍‌ର ବିଭିନ୍ନ ଅଂଶ ତିଆରି କରନ୍ତି। ତେବେ ଡେଜର୍ଟର ମୁଖ୍ୟ ଅଂଶ ତଥା ବାଉଁଶଟିକୁ ଗୁଇଚୋନ ହ୍ୱାଇଟ୍ ଚକୋଲେଟ୍‌ରେ ତିଆରି କରନ୍ତି ଓ ତାକୁ ସବୁଜ ରଙ୍ଗରେ ରଙ୍ଗାନ୍ତି। ସର୍ବଶେଷରେ ଗୁଇଚୋନ ବାଉଁଶର ସବୁ ଭାଗକୁ ଏକାଠି କରି ସମ୍ପୂର୍ଣ୍ଣ ବାଉଁଶ ଡେଜର୍ଟ ପ୍ରସ୍ତୁତ କରନ୍ତି। ଉକ୍ତ ଭିଡିଓକୁ ୮ ମିଲିୟନରୁ ଅଧିକ ଦେଖାଯିବା ସହ ୬ ଲକ୍ଷରୁ ଉର୍ଦ୍ଧ୍ୱ ଲାଇକ କରାଯାଇଛି।

# ମଣିଷ ପିଲା ପରି ବିଲେଇ



ପୋଷା ବିଲେଇ, କୁକୁରଙ୍କ କ୍ୟୁଟ୍‌ନେସ୍ ଓ ସେମାନଙ୍କ ନିର୍ମଳ ଭଲ ପାଇବା ମାଲିକଙ୍କ ଦିନଯାକର ଚିନ୍ତା ଓ ଅବସାଦ ଦୂର କରିଦିଏ। ସେଥିପାଇଁ ଲୋକେ ପେଟ୍‌ଙ୍କୁ ନିଜ ଛୁଆ ପରି ରଖନ୍ତି। ତେବେ ଆମେ ଆଜି ଏମିତି ଏକ ପୋଷା ବିଲେଇ କଥା କହିବୁ ଯେକି ଆକାରରେ ମଣିଷ ପିଲାଠୁ ବି ବଡ଼। ଋଷରେ ରହୁଥିବା ୟୁଲିଆଙ୍କର ପେଟ୍ ହେଉଛି ଏହି ବିଲେଇଟି, ଯାହାର ନାଁ କେଫିର୍। କେଫିର୍ ଦୁଇ ଗୋଡରେ ଛିଡା ହେଲେ ତାଙ୍କର ଦୁଇ ବର୍ଷର ଝିଅଠୁ ବି ଆକାରରେ ବଡ ଦେଖାଯାଏ। ଫଳରେ ବିଲେଇଟି ପୃଥିବୀର ସବୁଠୁ ବଡ ବିଲେଇର ମାନ୍ୟତା ବି ପାଇଛି। ୟୁଲିଆ ଯେବେ ତାଙ୍କର ଏହି ପୋଷା ବିଲେଇଟିର ଫଟୋ ସୋସିଆଲ ମିଡିଆରେ ଅପ୍‌ଲୋଡ କଲେ ଲୋକେ ତାକୁ ଦେଖି ବେଶ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ୟୁଲିଆ କୁହନ୍ତି, କେଫିର୍‌ର ଆକାର ଦେଖି ଅନେକେ ଡରି ଯାଆନ୍ତି। ଭାବନ୍ତି ସେ ରାଗି ସ୍ୱଭାବର ହୋଇଥିବ, ଆଉ ସେ ଅନ୍ୟକୁ କ୍ଷତି ପହଞ୍ଚାଉଥିବ। କିନ୍ତୁ କେଫିର୍ ବେଶ୍ ଶାନ୍ତ ଶାଳୀନ ସ୍ୱଭାବର। ସେ କେବେ କାହାର କ୍ଷତି କରେନି। ଲୋକଙ୍କ ସହ ମିଶିବାକୁ ସେ ବହୁତ ଭଲ ପାଏ। ମୋ ଝିଅ ସହ ତା'ର ସମ୍ପର୍କ ବି ବେଶ୍ ମଧୁର।'

